READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୪୭ ୫ - ୧୧ ଡିସେମ୍ବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-47 5th - 11th DECEMBER, 2022 BHUBANESWAR ₹ 5/- (8 Pages)

# ମୁଁ ଆପଣଙ୍କ ପାଇଁ ପଲ୍ଲୀରୁ ଦିଲ୍ଲୀ ଯାଏଁ ଲଢ଼ିବି : ମୁଖ୍ୟମନ୍ତ୍ରୀ

**ପଦ୍ମପୁର :** ପଦ୍ମପୁରରେ ନିଜ ପ୍ରାର୍ଥୀ ବର୍ଷା ସିଂହ ବରିହାଙ୍କ ପାଇଁ ପ୍ରଚାର ବେଳେ ଜୟ ନୃସିଂହନାଥରୁ ଭାଷଣ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଙ୍ଗାଧର ମେହେରଙ୍କ ପବିତ୍ର ମାଟିକୁ ପ୍ରଣାମ ଜଣାଇଥିଲେ। ଖାଲି ଏତିକି ନୁହେଁ ପଦ୍ମପୁରବାସୀଙ୍କୁ ଜୁହାର ଜଣାଇବା ସହ ଆପଣଙ୍କ ସୁଖ ଦୁଃଖରେ ମୁଁ ସବୁବେଳେ ସାମିଲ ହୋଇଛି ବୋଲି କହିଥିଲେ। କେନ୍ଦୁପତ୍ର ବୋନସ ଦେବାରେ ଆମ ରାଜ୍ୟ ସାରା ଭାରତ ବର୍ଷରେ ପ୍ରଥମ। ବିଜେଡି ସରକାର ସବୁବେଳେ ଆପଣଙ୍କ ମଙ୍ଗଳପାଇଁ କାମ କରୁଛି। ନିକଟରେ ପ୍ରଥମ ପର୍ଯ୍ୟାୟରେ ୧ହଜାର ଓ ୧୫୦୦ଟଙ୍କା ବୋନସ ଦିଆଗଲା। ଆଗକୁ ମଧ୍ୟ ବୋନସ ଦିଆଯିବ ବୋଲି ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ। ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ସାମିଲ କରାଯିବ। ଝିଅ ବାହାଘର, ପିଲାଙ୍କ ପାଠପଢାରେ ବିଜେଡି ସରକାର ସୁବିଧା ଯୋଗାଇ ଦେଇଛି ଆଗକୁ ଆହୁରୀ ଅଧିକ ଦେବ। କେନ୍ଦୁପତ୍ରରେ ଜିଏସଟି ନେଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ ନବୀନ। ଦୁଃଖର କଥା କେନ୍ଦୁପତ୍ର ଉପରେ କେନ୍ଦ୍ର ୧୮% ଜିଏସଟି ଲଗାଉଛନ୍ତି ହେଲେ ସୁନା ଉପରେ ମାତ୍ର ୩ ପ୍ରତିଶତ ଜିଏସଟି ଲଗାଇଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବିଜେପି ନେତା କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ➤ ପୃ-୬



## ମୋ ବାହାଘରକୁ ନେଇ ଅପମାନିତ କରୁଛି ବିଜେପି: ବର୍ଷା

**ପଦ୍ମପୁର :** ମାଆମାନେ ହେଉଛନ୍ତି ଶକ୍ତିର ପ୍ରତିକ। ଦୂର୍ଗା, କାଳୀ, ସରସ୍ୱତୀ ସେମାନେ ମୋତେ ଆଶୀର୍ବାଦ କରିଛନ୍ତି, ସେମାନେ ମୋର ଶକ୍ତି ଆଉ ଧୌର୍ଯ୍ୟ। ତେବେ ମୁଁ ଯେଉଁ ଦିନୁ ବିଜେଡିର ପ୍ରାର୍ଥୀ ହୋଇଛି ସେଇଦିନୁ ବିଜେପିନେତା ମାନେ ମୋ ବାହାଘରକୁ ନେଇ ବହୁତ କିଛି କହୁଛନ୍ତି। ସେ ଜନସାଧାରଣରେ ହେଉ କିମ୍ୱା ମିଡିଆ ସମ୍ମୁଖରେ; ମତେ ଅପମାନିତ କରିବାର କୌଣସିବି ସୁଯୋଗ ହାତଛଡା କରିନାହାଁନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସଭାମଞ୍ଚରୁ ବିଜେଡି ପ୍ରାର୍ଥୀ ବର୍ଷା ଏଭଳି କହିବା ସହିତ ଦୃଢ ନିନ୍ଦା କରିଥିଲେ। ନିଜ ଅଭିଭାଷଣରେ ବର୍ଷା କହିଥିଲେ, ➤ ପୃ-୬

### ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କଲେ ଅପରାଜିତା

## ୨୨ ବର୍ଷ ଶାସନର ହିସାବ ମାଗିଲେ

**ଭୁବନେଶ୍ୱର/ ବରଗଡ :** ୨୦୧୯ ପରେ ପଦ୍ମପୁର ଉପ-ନିର୍ବାଚନ ପ୍ରଚାର ଭଳି ପ୍ରଚାର କେବେ ଦେଖିବାକୁ ମିଳିନଥିଲା। ପ୍ରମୁଖ ରାଜନୈତିକ ଦଳମାନେ ଏଠାରେ ନିଜ ନିଜ ଢଙ୍ଗରେ ପ୍ରଚାର ସାରିଥିଲେ। ହେଲେ ଯେଉଁ କେତୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଏଠାରେ ଦେଖିବାକୁ ମିଳିଥିଲା ତନ୍ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଦିନ ପଦ୍ମପୁରରେ ପ୍ରଚାର କରିଥିଲେ ସେହିଦିନ ଭୁବନେଶ୍ୱର ସାଂସଦ ତଥା ବିଜେପିର ଫାୟାର ବ୍ରାଣ୍ଡ ଲିଡର ଅପରାଜିତା ଷଡଙ୍ଗୀ ମଧ୍ୟ ପଦ୍ମପୁର ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସଭାମଞ୍ଚରୁ ଶ୍ରୀମତୀ



ଷଡଙ୍ଗୀ ସିଧା ସଳଖ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି କ୍ଷମତାରେ ଥିବା ୨୨ ବର୍ଷର ହିସାବ ମାଗିଥିଲେ। ଜନପ୍ରତିନିଧି ଓ ଜଣେ ମୁଖ୍ୟମନ୍ତ୍ରୀ କେମିତି ହେବା ଦରକାର ତାହାର ଉଦାହରଣ ଦେଇ ଶ୍ରୀମତୀ ଷଡଙ୍ଗୀ କଡା ସମାଲୋଚନା ମଧ୍ୟ କରିଥିଲେ। ଏହା ସହିତ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର-ରାଜ୍ୟର ବିବାଦଠାରୁ ନିଜକୁ ଦୂରେଇ ସେ ଲୋକଙ୍କ ମୌଳିକ ଆବଶ୍ୟକତା ପାଣି, ପକ୍କାଘର, ରୋଜଗାର, ବିଜୁଳି ଓ ଶୌଚାଳୟ ଆଦି ୫ଟି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ୩ଲକ୍ଷ ଟଙ୍କାର ଚାକିରି ଛାଡି ବିଜେପିରେ ଯୋଗଦେବା କଥା ମଧ୍ୟ ସେ ତାଙ୍କ ଭାଷଣରେ କହିଥିଲେ। ଏହା ସହିତ ପଶ୍ଚିମ ଓଡିଶାର ମଣ୍ଡି ଅବ୍ୟବସ୍ଥା, ଓ ଦାଦନ ସମସ୍ୟା ପ୍ରସଙ୍ଗରେ ➤ ପୃ-୬

### ଏନ୍‌ଜିଟି ନିର୍ଦ୍ଦେଶକୁ ବି ମାନିଲେନି

## ବାଲିଯାତ୍ରା ପଡିଆରେ ଆବର୍ଜନା ପାହାଡ଼

**କଟକ :** ସରକାର ଏନ୍‌ଜିଟିକୁ କହିଲେ ଗୋଟାଏ କଥା। ହେଲେ କରୁଛନ୍ତି ଓଲଟା। ବାଲିଯାତ୍ରା ପଡ଼ିଆର ଦୂରାବସ୍ଥା ଏହା ପ୍ରମାଣିତ କରିଛି। ବାଲିଯାତ୍ରା ସରିଛି। ମାତ୍ର ବାଲିଯାତ୍ରା ପଡିଆର ଆବର୍ଜନା ପରିଚାଳନା କଥା ଭୁଲି ଯାଇଛି ପ୍ରଶାସନ। ଯାତ୍ରା ପରେ ଏବେ କୁଢ କୁଢ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି ପଡିଆ। ନା ଜିଲ୍ଲା ପ୍ରଶାସନ ନା ସିଏମ୍‌ସି, ସତେ ଯେମିତି ସଫେଇ ଲାଗି କାହାରି ଆନ୍ତରିକତା ନାହିଁ। ମେଳା ସରିବାକୁ ଦୀର୍ଘ ଦିନ



ବିତିଯାଇଥିଲେ ହେଁ ଅଳିଆ ସଫା ହେଉନଥିବାରୁ ପରିବେଶ ଓ ମହାନଦୀ ପାଣି ପ୍ରଦୂଷଣ ହେବା ଆଶଙ୍କା ଦେଖାଦେଇଛି। ପ୍ଲାଷ୍ଟିକ୍ ଓ ପଲିଥିନ୍ ଆବର୍ଜନା ଥଳି ଭିତରେ ଖାଦ୍ୟ ଥିବା ଭାବି ଏହାକୁ ଚୋବାଇ ଚାଲିଛନ୍ତି ବୁଲା ଗୋରୁଗାଈ ଓ କୁକୁର। କିଛି ଦିନ ତଳେ ଯେଉଁଠି ହଜାର ହଜାର ଷ୍ଟଲ ସହ ଚିକମିକ ଆଲୁଅ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଥିଲା, ଆଜି ସେଠି କେବଳ କୁଢ କୁଢ ଅଳିଆ ଆବର୍ଜନା। ପଲିଥିନ୍ ସହ ପ୍ଲାଷ୍ଟିକ୍ ଆବର୍ଜନା ପାହଡରେ ପୋତି ହୋଇଗଲାଣି ମହାନଦୀ ପଠା। ବାଲିଯାତ୍ରା ଶେଷ ହେବା ପରେ ସତେ ଯେମିତି ସିଏମ୍‌ସି ଓ ଜିଲ୍ଲା ପ୍ରଶାସନ ମେଳା ପଡିଆ କଥା ଭୁଲିଯାଇଛନ୍ତି। ବାଲିଯାତ୍ରା ଶେଷ ହେବାର ୨ ସପ୍ତାହ ହେଲାଣି, ➤ ପୃ-୬

## ମାତ୍ର ୮ ଦିନରେ ଶୀତ ଅଧିବେଶନ ଶେଷ

**ଭୁବନେଶ୍ୱର :** ବିଧାନସଭାର ଶୀତ ଅଧିବେଶନ ନିର୍ଦ୍ଧାରିତ ଅବଧିର ୨୫ଟି କାର୍ଯ୍ୟଦିବସ ଥାଇ ଗତ ଶୁକ୍ରବାର ଦିନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା ହୋଇଛି। ନିର୍ଦ୍ଧାରିତ ୩୩ଟି କାର୍ଯ୍ୟଦିବସ ବଦଳରେ ମାତ୍ର ୮ଟି କାର୍ଯ୍ୟଦିବସ ଚଳିତ ଅଧିବେଶନରେ ସମ୍ଭବପର ହୋଇପାରିଛି। ଆଉ ମୁଖ୍ୟ ବିରୋଧୀ ଦଳ ବିଜେପିର ବିନା ସମ୍ମତି ଓ ଅନୁପସ୍ଥିତିରେ ଶୀତ ଅଧିବେଶନକୁ ବନ୍ଦ ପାଇଁ ଶାସକ ଦଳର ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିନେଇଛନ୍ତି। ଶାସକ ଦଳର ସଂଖ୍ୟା ବଳ ଆଧାରରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା



କରିଛନ୍ତି। ତେବେ ଅଧିବେଶନ ସମୟରେ ଗୃହକୁ ଆସୁନଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ଅଧିବେଶନ ଆରମ୍ଭ ଦିନ ଓ ଶେଷ ଦିନରେ ମାତ୍ର କିଛି ସମୟ ପାଇଁ ଆସିଥିବା ଦେଖିବାକୁ ମିଳିଛି। ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଚାଷୀ ପ୍ରସଙ୍ଗରେ ଉଭୟ ବିରୋଧୀ ଓ ଶାସକ ମୁହାଁମୁହିଁ ହୋଇଥିଲେ। ବିଜେପି ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଗୃହ ମୁଲତବୀ ରହିଥିଲା। ପ୍ରଶ୍ନକାଳ ଓ ଶୂନ୍ୟକାଳ ସମ୍ଭବପର ହୋଇନଥିବାବେଳେ ବିଜେପି ସଦସ୍ୟଙ୍କ ଅନୁପସ୍ଥିତିରେ ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ଆଉ ଏହି ବିଲ୍ ଗୃହୀତ ହେବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଶୀତ ଅଧିବେଶନକୁ ଶେଷ କରିବାକୁ ବିଧିବଦ୍ଧ ପ୍ରସ୍ତାବ ଆଗତ କରିବା ପରେ ଶାସକ ଦଳ ବିଧାୟକମାନେ ଏହାକୁ ସମର୍ଥନ ➤ ପୃ-୬

## ବକ୍ରବାଣୀ



ଭୋଅଟ ହଉଚି ପଦୁଅଁପୁରେ
ପ୍ରଚାର ଚାଲିଚି ବଡ଼ ଜୋରରେ
ନେତା ଅଭିନେତା ଏକାଠି ହେଇ
ଯାତେରା କରନ୍ତି ସେଠିକି ଯାଇ
ନେତାଏ କରନ୍ତି ଦୁଆରେ ପାଲା
ଭାଷଣ ଦିଅନ୍ତି ନାଚିଲାବାଲା
ସ୍ୱପ୍ନ ଦେଖିଥିଲେ ଓଡ଼ିଶାବାସୀ
ନାନୀଟା ଆମର ବଡ଼ ସାହସୀ
ୟେ କି କଥା ଆଜି ଆଖି ଦେଖୁଚି
ହାତକୁ ହଲେଇ ନାନୀ ନାଚୁଚି।

—— ଟୁଟୁ

### ସିଏଜି ଧରିଲେ ଅପାରଗତା

## ଠିକାଦାର ପୋଷୁଛି ଓସିସି

**ଭୁବନେଶ୍ୱର :** ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ୩ଟି ବିଭାଗ ଗ୍ରାମ୍ୟ ଉନ୍ନୟନ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ ଓ ଜଳସମ୍ପଦ ବିଭାଗର ସମୀକ୍ଷା ରିପୋର୍ଟ ପ୍ରକାଶ କରିଛନ୍ତି। ରିପୋର୍ଟରେ ଏସବୁ ବିଭାଗର କେତେକ ପ୍ରକଳ୍ପର କାର୍ଯ୍ୟକାରିତାରେ ଥିବା ତ୍ରୁଟି ଓ ଦୁର୍ବଳତାକୁ ଉଜାଗର କରାଯାଇଛି। ବିଶେଷକରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ହୋଇଥିବା ନିର୍ମାଣ ପ୍ରକଳ୍ପରେ ବ୍ୟାପକ ବିଳମ୍ୱ, ନିମ୍ନମାନର କାର୍ଯ୍ୟ ଓ ଅନିୟମିତତା କଥା ଦର୍ଶାଇଛନ୍ତି ସିଏଜି। ବିଜୁ ସେତୁ ଯୋଜନା ଅଧିନରେ ୨୦୧୭-୧୮ରୁ ୨୦୨୦-୨୧ ମଧ୍ୟରେ ୭୯୩ଟି ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ମାତ୍ର ୪୭୩ଟି କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିଥିଲା ଏବଂ ୩୧୮ଟି






ଅସଂପୂର୍ଣ୍ଣ ରହିଥିଲା। ଏହି ଯୋଜନାରେ ୨୦୧୭-୨୦୨୧ ମସିହା ପାଇଁ ୨ ହଜାର ୫୭୦ କୋଟି ବଜେଟ ବ୍ୟବସ୍ଥା ହୋଇଥିଲେ ବି ୩୧୪ କୋଟି ଟଙ୍କା ବିନିଯୋଗ ହୋଇ ପାରିନାହିଁ। ଟେଣ୍ଡର ଚୂଡ଼ାନ୍ତ ହେବାରେ ବିଳମ୍ୱ, ପ୍ରାଥମିକ ସର୍ବେକ୍ଷଣରେ ତ୍ରୁଟି ଯୋଗୁଁ ନକ୍ସାରେ ପରିବର୍ତ୍ତନ, ଜମି ମାମଲା ସମାଧାନରେ ବିଫଳତା ଓ ଠିକାଦାରମାନଙ୍କ ଦ୍ୱାରା ମନ୍ଥର ଗତିରେ କାମ ଯୋଗୁଁ ପ୍ରକଳ୍ପଗୁଡ଼ିକ ବିଳମ୍ୱ କିମ୍ୱା ଅସଂପୂର୍ଣ୍ଣ ରହିଥିଲା ବୋଲି ସିଏଜି ଦର୍ଶାଇଛନ୍ତି। ସେହିପରି ୫ଟି ସେତୁ ମାମଲାରେ ବିଜୁ ସେତୁ ଯୋଜନା ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରି ୫ କିମି ଅଂଚଳ ମଧ୍ୟରେ ବିକଳ୍ପ ସେତୁ ଥିବା ସତ୍ତ୍ୱେ ନୂଆ ସେତୁ ନିର୍ମାଣ କରାଯାଇଥିଲା। ସେତୁ ପାଇଁ କିମ୍ୱା ସେତୁକୁ ଯିବା ପାଇଁ ଉଦ୍ଦିଷ୍ଟ ରାସ୍ତା ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ହୋଇନପାରିବାରୁ ୧୮୫ କୋଟି ଟଙ୍କା ବ୍ୟୟ ସତ୍ତ୍ୱେ ୪୮ଟି ପ୍ରକଳ୍ପ ଅଂସପୂର୍ଣ୍ଣ ରହିଥିଲା। ଅନ୍ୟପକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷାରୁ ସିଏଜି ଜାଣିବାକୁ ପାଇଛନ୍ତି ଯେ, ରାଜ୍ୟରେ ୨୦୨୧ ମାର୍ଚ୍ଚ ସୁଦ୍ଧା ୩୬ଟି କର୍ମଜୀବୀ ମହିଳା ହଷ୍ଟେଲ ଥିଲେ ବି ସେଥିରୁ ମାତ୍ର ୧୨ଟି କାର୍ଯ୍ୟକ୍ଷମ ଥିଲା। ରାଜ୍ୟରେ ଥିବା ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକ ଦିଆଯାଉଥିବା ପାଣ୍ଠିର ଉପଯୋଗ କରିବାରେ ବିଫଳ ହେଉଛନ୍ତି। ୨୦୨୦-୨୧ ବର୍ଷରେ ଉପଲବ୍ଧ ପାଣ୍ଠିର ମାତ୍ର ➤ ପୃ-୬

## ସରକାରଙ୍କ ଉଦାସୀନତା; କାନ୍ଦୁଛି ଶିମିଳିପାଳ





**ବାରିପଦା,(ବିଜୁ ସିଂ):** ଭାରତ ବର୍ଷର ଅନ୍ୟତମ ଜାତୀୟ ଉଦ୍ୟାନ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଶିମିଳିପାଳ ମୟୁରଭଞ୍ଜ ଜିଲ୍ଲାରେ ଅବସ୍ଥିତ। ଜୈବ ବିଭିଧତା ପାଇଁ ଏହି ଜାତୀୟ ଉଦ୍ୟାନ ବେଶ ପ୍ରସିଦ୍ଧ। କାହିଁ କେଉଁ ବର୍ଷରୁ ମୟୁରଭଞ୍ଜ ଜିଲ୍ଲା ତଥା ପଡ଼ଶୀ ଜିଲ୍ଲା ପାଇଁ ଏହା ଏକ ବରଦାନ ରୂପେ ଦଣ୍ଡାୟମାନ। ବିଭିନ୍ନ ଔଷଧୀୟ ଲତା, ଗୁଳ୍ମ ଓ ଔଷଧୀୟ ଗଛରେ ପରିପୂର୍ଣ୍ଣ ହେବା ସହ ବିଭିନ୍ନ ପ୍ରକାରର ପଶୁ ପକ୍ଷୀ ମାନଙ୍କ ସମ୍ଭାର ଏହାର ଗାରିମାକୁ ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରଖିଛି। ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ସବୁଜ ବଳୟ ଭିତରେ ଅନେକ ନଦୀର ଉତ୍ସ ଦେଖିବାକୁ ମିଳେ। ଏହା ମଧ୍ୟରେ ଥିବା ଜଳସ୍ରୋତ ପ୍ରକୃତି ପିପାସୁଙ୍କ ପାଇଁ ଉପାସନାର କ୍ଷେତ୍ର ସାଜେ। ଉତ୍ତୁଙ୍ଗ ଶିଖର ମେଘାସନୀ ଅନେକ ସମ୍ବେଦନଶୀଳ ଘଟଣାର ମୁକସାକ୍ଷୀ। ସେ ହେଉ ବରେଇ ପାଣି, ନଅଣା, ଜରନ୍ଦା, ଗୁଡ଼ିଗୁଡ଼ିଆ, ଓ ଲୁଲୁଙ୍ଗ। ଏହାର ସୌନ୍ଦର୍ଯ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ କରିଥାଏ ମତୁଆଲା। ହେଲେ ଦୁଃଖ ଓ ପରିତାପର ବିଷୟ ଏହି ଯେ ରତ୍ନଗର୍ଭା ଶିମିଳିପାଳ ଆଜି ଶୂନ୍ୟଗର୍ଭା ପରି ମନେହୁଏ। ଅନୁମେୟ ହୁଏ ଜନପ୍ରତିନିଧିଙ୍କ ହତାଦର ମନୋଭାବ ତଥା ସରକାରଙ୍କ ଉଦାସୀନତା ପାଇଁ ଶିମିଳିପାଳ ଆଜି କାନ୍ଦୁଛି। ➤ ପୃ-୬





CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
ORERA Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR





For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

## ଧାନ ବିକ୍ରି ସମସ୍ୟା; ଚାଷୀଙ୍କ ରାଜପଥ ଅବରୋଧ

**ବରଗଡ଼ :** ଗୋଟିଏ ପଟେ ଖୋଦ ମୁଖ୍ୟମନ୍ତ୍ରୀ ବରଗଡ ଜିଲ୍ଲା ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ଥିବାବେଳେ ଠିକ ସେହି ସମୟରେ ଧାନ ବିକ୍ରି ସମସ୍ୟା ଯୋଗୁଁ ଚାଷୀମାନେ ରାଜପଥ ଅବରୋଧ କରିବା ପରୋକ୍ଷରେ ସରକାରଙ୍କୁ ଚେତାବନୀ ସଦୃଶ। ଅନ୍ୟପକ୍ଷରେ ୧ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ପଦ୍ମପୁରରେ ଇନପୁଟ ସବସିଡି ଏବଂ ବୀମାରାଶି ପାଇଁ ଚାଷୀମାନେ ଧାରଣାରେ ବସିଛନ୍ତି। ବରଗଡ ଜିଲ୍ଲାରେ ଧାନବିକ୍ରୀ ସମସ୍ୟା ଦିନକୁ ଦିନ ଜଟିଳ ହେଉଥିବା ଯୋଗୁଁ ଚାଷୀ ଧାନବିକ୍ରୀ କରିପାରୁନଥିବା। ପୁଣି ମଣ୍ଡିରେ କଟନିଛଟନି ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଇତ୍ୟାଦି ସମସ୍ୟା ଉପରେ ପୂର୍ବରୁ ବିଭିନ୍ନ କୃଷକ ସଂଗଠନ ଅଭିଯୋଗ କରିଆସୁଛି। ଆମକୁ ଟୋକନ ଦିଅ ଆମେ ଧାନ ବିକିବୁ। ଡିସେମ୍ବର ୧୫ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ ଦିଆଯାଉ ଯଦ୍ୱାରା ସମସ୍ତ ଚାଷୀ ଜାନୁଆରୀ ୧୫ତାରିଖ ସୁଦ୍ଧା ସମସ୍ତ ଧାନ ବିକ୍ରୀ କରିବୁ। ପୁଣି ସାଟଲାଇଟ ସର୍ବେକ୍ଷଣ ଦ୍ୱାର ଚାଷୀଙ୍କ ଜମିର ପରିମାଣ କମ ଆସୁଛି ଏହାକୁ ସଂଶୋଧନ କରାଯାଉ। ଏସବୁ ସମସ୍ୟାର ସମାଧାନ ପାଇଁ ବରଗଡ ଜଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ୫୩ ଉପରେ ଗୋଡଭଗା ମଣ୍ଡି ସମ୍ମୁଖରେ ଓଡିଶାରାଜ୍ୟ କୃଷକ ସଂଗଠନ ଅତାବିରା ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ଶାତାଧିକ ଚାଷୀ ରାଜପଥ ଅବରୋଧ କରିଛନ୍ତି। ପ୍ରକାଶଥାଉକି ଗତ ମାସ ୨୯ତାରିଖରେ ଏନେଇ ଜିଲ୍ଲାପାଳଙ୍କୁ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ଏକ ଦାବୀପତ୍ର ଦିଆଯାଇଥିଲା। ଏହି ସମସ୍ୟାର ସମାଧାନ କରାନଗଲେ କୌଣସି ମୁହୁର୍ତ୍ତରେ ରାଜପଥ ଅବରୋଧ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଫଳସ୍ୱରୁପ ୩୦ତାରିଖ ସନ୍ଧ୍ୟାରେ ସଂଗଠନ ଏବଂ ଉପଜିଲ୍ଲାପଳ, ଡିଆରସିଏସ, ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ସହିତ ଅତାବିରା



ମୁଖ୍ୟମଣ୍ଡିରେ ଆଲୋଚନା ହୋଇଥିଲା। ମାତ୍ର ସେତେବେଳ ଆଲୋଚନା ବିଫଳ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଥିଲା। ଗୁରୁବାରଦିନ ସନ୍ଧ୍ୟାରେ ସଂଗଠନର ଏକ ବୈଠକ ଗୋଡଭଗା ସମଲେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଶୁକ୍ରବାରଦିନ ସକାଳେ ରାଜପଥ ଅବରୋଧ କରାଯିବାପାଇଁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁସାରେ ଶୁକ୍ରବାର ସକାଳ ୮ଘଣ୍ଟାରୁ ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଅତାବିରା ତହସିଲଦାର ରଞ୍ଜନ କୁମାର ଦାଶ,ଉପଜିଲ୍ଲାପାଳ ଲଲାଟ କୁମାର ଲୁହା,ଏସଡିପିଓ ଅମିତ କୁମାର ପଣ୍ଡା ଧାରଣାସ୍ଥଳକୁ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଡିସେମ୍ବର ୧୫ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କ ଟୋକନ ଦିଆଯିବା, ସାଟଲାଇଟ ମାଧ୍ୟମରେ ଜମି ସର୍ବେକ୍ଷଣର ସମସ୍ୟା ହୋଇଥିବା ସଂପୃକ୍ତ ଚାଷୀଙ୍କ ରାଜସ୍ୱ ବିଭାଗ ଏବଂ କୃଷି ବିଭାଗ ଦ୍ୱାର ସର୍ବେକ୍ଷଣ କରାଯିବାର ଲିଖିତ ପ୍ରତିଶ୍ରୁତି ଜିଲ୍ଲାପାଳ ଦ୍ୱାରା ଦିଆଗଲେ ଧାରଣା ପ୍ରତ୍ୟାହୃତ ହେବ ବୋଲି ସଂଗଠନ ପକ୍ଷରୁ ରୋକଠୋକ ଶୁଣାଇଥିଲେ। ଦିନ ୧୨ଘଣ୍ଟାରେ ପୁଣି ଉପଜିଲ୍ଲାପାଳ ଚାଷୀମାନଙ୍କ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ମନ ସ୍ଥିର ଓ ଆନନ୍ଦାୟକ ରହିବ। ଧନପ୍ରାପ୍ତିର ଯୋଗ ଅଛି। ନୂଆ ବ୍ୟବସାୟ କରିପାରନ୍ତି। ବାଣୀରେ ଲଗାମ ଦିଅନ୍ତୁ। ଛାତ୍ରମାନେ ପାଠରୁ ଦୂରେଇ ପାରନ୍ତି। ଦମ୍ପତ୍ତିମାନେ ଉଭୟଙ୍କର ସହଯୋଗ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ**
ପୁରୁଣା ରୋଗରୁ ମୁକ୍ତି ମିଳିବ। ସଞ୍ଚୟ ଥିବା ଧନ ଖର୍ଚ୍ଚ ହୋଇପାରେବ। ଦୂରଯାତ୍ରା କରିପାରନ୍ତି। ପରିବାରରେ ସମ୍ପର୍କ ବଢ଼ିବ। ପ୍ରେମୀଙ୍କ ଆଗରେ ମନର କଥା ଖୋଲି କହିପାରିବେ। ପ୍ରତିକାର : ଭଗବାନ ଶ୍ରୀଗଣେଷଙ୍କୁ ଆରାଧନା କରନ୍ତୁ।

**ମିଥୁନ**
ନିୟମିତ ବ୍ୟାୟାମ କରନ୍ତୁ। ବନ୍ଦ ପଡିଥିବା ପଇସା ପ୍ରାପ୍ତି ଯୋଗ ଅଛି। ପୁଅ ପାଇଁ ଖୁସି ଖବର ଆସିପାରେ। ଧନ ଉଦ୍ଧାର ଦିଅନ୍ତୁ ନାହିଁ। ପ୍ରତିକାର : ଦେବୀଙ୍କ ଦର୍ଶନ କରି ଫଳ ବିତରଣ କରନ୍ତୁ।

**କର୍କଟ**
ଆକସ୍ମିକ ଧନପ୍ରାପ୍ତି ଯୋଗ ଅଛି। ଯାତ୍ରା କରିବା ପୂର୍ବରୁ ସମସ୍ତ ପ୍ରସ୍ତୁତି କରନ୍ତୁ ନଚେତ ବିଫଳ ହୋଇପାରନ୍ତି। ଧୋକା ଖାଇ ପାରନ୍ତି। ପ୍ରତିକାର : ଭଗବାନ ଶିବଙ୍କୁ ଜଳାଭିଷେକ କରନ୍ତୁ।

**ସିଂହ**
ଏ ସପ୍ତାହରେ ଅନେକ ଦିନର ଇଚ୍ଛା ଗୁଡିକ ପୂରା ହେବାର ସମ୍ଭାବନା ଅଛି। ତେଣୁ ସପ୍ତାହ ପ୍ରାରମ୍ଭରେ ପ୍ରସ୍ତୁତି ଆରମ୍ଭ କରନ୍ତୁ। ବ୍ୟବସାୟ ପାଇଁ ପରିବାର ପାଇଁ ଓ ନିଜ ପାଇଁ କଣ କରିବେ ତାଲିକା କରନ୍ତୁ। ପ୍ରତିକାର : ଭଗବାନ ଗଣେଷଙ୍କୁ ପୂଜା କରନ୍ତୁ।

**କନ୍ୟା**
କାର୍ଯ୍ୟ ବୋଝରୁ ଥକ୍କା ଅନୁଭବ କରିବେ। କିନ୍ତୁ ସଫଳତା ପାଇଁ ପଛକୁ ହଟନ୍ତୁ ନାହିଁ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଛାତ୍ରମାନେ ସଫଳତା ପାଇବେ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ତୁଳା**
ମନ ଅସ୍ଥିର ରହିବ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପରିବାରରେ କଳହ ହୋଇପାରେ। ବାଣୀରେ ଲଗାମ ଦିଅନ୍ତୁ। ପ୍ରତିକାର : ଭଗବାନଙ୍କୁ ଫଳ, ପୁଷ୍ପ ଓ ପ୍ରସାଦ ଅର୍ପଣ କରନ୍ତୁ।

**ବିଛା**
ଅପ୍ରତ୍ୟାଶିଷ ଭାବେ ଅନେକ ଦିଗରୁ ଓ ଅଜଣା ଲୋକଙ୍କ ଠାରୁ ସହଯୋଗ ପାଇଷବ। ସତର୍କ ରହନ୍ତୁ। ଶାଳିନ ବ୍ୟବହାର କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତିକାର : ଗରିବଙ୍କୁ ଖାଦ୍ୟ ଓ ଧନ ଦାନ କରନ୍ତୁ।

**ଧନୁ**
ରକ୍ତଚାପ ଓ ପେଟ ଜନିତ ପିଡା ହୋଇପାରେ। ଅଧିକ ବିଶ୍ୱାସୀ ଲୋକ ଧୋକା ଦେଇପାରନ୍ତି। କୌଣସି କଥା ଓ କାମ କରିବା ପୂର୍ବରୁ ବିଚାର କରନ୍ତୁ। ପ୍ରତିକାର : ଭଗବାନ ଶ୍ରୀକୃଷ୍ଣଙ୍କୁ ମନନ ଓ ଚିନ୍ତନ କରନ୍ତୁ।

**ମକର**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଉପରୋସ୍ତ ଅଧିକାରୀଙ୍କ ଠାରୁ ସତର୍କ ରହନ୍ତୁ। ଲୋଭରୁ ଦୂରେଇ ରହନ୍ତୁ। ପରିବାରର ସହଯୋଗ ପାଇଷବ। ଅଯଥା ଖର୍ଚ୍ଚ ବଢ଼ିପାରେ। ପ୍ରତିକାର : ଗାଈଙ୍କୁ ସବୁଜ ଚାରା ଖୁଆନ୍ତୁ।

**କୁମ୍ଭ**
ଆପଣଙ୍କ ଅଳସୁଆମୀ ପାଇଁ ଅନେକ ସଫଳତାରୁ ବଞ୍ଚିତ ରହିପାରନ୍ତି। ଗୁରୁଜନଙ୍କ ସହଯୋଗ ନିଅନ୍ତୁ। ମନରୁ ନିରାଶା ଭାବକୁ ବାହାର କରନ୍ତୁ ଓ ପରିଶ୍ରମ କରନ୍ତୁ। ଅନେକ ସଫଳତା ମିଳିବ। ପ୍ରତିକାର : ଭଗବାନ ଶିବଙ୍କୁ ଅଭିଷେକ କରନ୍ତୁ।

**ମୀନ**
ଗୁରୁମନ୍ତ୍ର ପାଠ କରନ୍ତୁ। ସପ୍ତାହର ପ୍ରାରମ୍ଭରୁ ଧନପ୍ରାପ୍ତି ଯୋଗ ଅଛି। ସମସ୍ତଙ୍କ ସହଯୋଗ ପାଇବେ। ମିଛ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ। ଛାତ୍ରମାନେ ପାଠରୁ ଦୂରେଇ ରହିବେ। ପତିପତ୍ନୀଙ୍କ ତାଳମେଳରେ ସୁଧାର ଆସିବ। ପ୍ରତିକାର : ଭଗବାନ ହନୁମାନଙ୍କୁ ଫଳ ଅର୍ପଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ଔପଚାରିକ ଭାବେ ଜି-୨୦ ଅଧ୍ୟକ୍ଷ ପଦ ଗ୍ରହଣ କଲା ଭାରତ

**ନୂଆଦିଲ୍ଲୀ :** ଭାରତ ଔପଚାରିକ ଭାବେ ଜି-୨୦ ଅଧ୍ୟକ୍ଷ ପଦ ଗ୍ରହଣ କରିଛି। ଆସନ୍ତା ୧ ବର୍ଷ ପାଇଁ ଭାରତ ଏହି ପଦରେ ରହିବ। ଏଥିଲାଗି ଦେଶର ୧୦୦ଟି ସ୍ମାରକୀରେ ଜି-୨୦ର ଲୋଗୋ ଆଲୋକମାଳାରେ ପ୍ରଦର୍ଶିତ ହେବ। ଜାତୀୟ ପତାକା ରଙ୍ଗରେ ସଜ୍ଜିତ ଜି-୨୦ ଚିହ୍ନ ତଳେ ଦେବନାଗରୀ ଅକ୍ଷରରେ ଭାରତ ଲେଖାଯିବ। ଚିହ୍ନ ପାର୍ଶ୍ୱରେ ପୃଥିବୀର ଚିତ୍ର ପଦ୍ମ ଆକାରରେ ରହିବ। ଚଳିତ ଥର ଜି-୨୦ର ଶୀର୍ଷକ ରହିଛି ‘ବସୁଧୈବ କୁଟୁମ୍ବକମ୍’। ଭାରତ ଜି-୨୦ର ଅଧ୍ୟକ୍ଷ ରହିବା ସମୟରେ ଦେଶର ବିଭିନ୍ନ ସ୍ଥାନରେ ୩୨ଟି କ୍ଷେତ୍ରରେ ୨୦୦ରୁ ଅଧିକ ବୈଠକ ଆୟୋଜିତ ହେବ। ସୂଚନା ଅନୁଯାୟୀ, ଏହି ଜି-୨୦ର ଅଧ୍ୟକ୍ଷ ପଦ ଗ୍ରହଣ କରିବା ଭାରତ ପାଇଁ ଏକ ବଡ଼ ସୁଯୋଗ ଯାହା ବିଶ୍ୱରେ ଭାରତର ବାର୍ତ୍ତାକୁ ପହଞ୍ଚେଇବାରେ ସହାୟକ ହେବ। ଏଥିଲାଗି ଏକ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୩୨ଟି ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରାୟ ୨୦୦ଟି ବୈଠକ ହେବ। ଜି-୨୦ ହେଉଛି ଆନ୍ତର୍ଜାତୀୟ ଅର୍ଥନୈତିକ ସହଯୋଗ ପାଇଁ ପ୍ରମୁଖ ଫୋରମ୍। ଆସନ୍ତା ୨୦୨୩ ସେପ୍ଟେମ୍ବରରେ ଜି-୨୦ ଦୁଇ ଦିନିଆ ଶିଖର ସମ୍ମିଳନୀ ଆୟୋଜନ କରିବ। ଏହି ଶିଖର ସମ୍ମିଳନୀ ଦେଶର ସର୍ବବୃହତ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ହେବ ବୋଲି ଜାଣିବାକୁ ମିଳିଛି। ଆସନ୍ତା ବର୍ଷ ସେପ୍ଟେମ୍ବରରେ ଦିଲ୍ଲୀରେ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ଏବେଠାରୁ ବିଶାଳ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଛି। ଜି-୨୦ ଶିଖର ବୈଠକ ପୂର୍ବରୁ ଦେଶର ୫୦ଟି ସହରରେ ୨୦୦ରୁ ଅଧିକ ବୈଠକ ଆୟୋଜିତ ହେବ।

### ଚୀନ୍‌କୁ ଜବାବ ଦେଲା ଭାରତ


## ଭାରତ-ଆମେରିକା ସଂପର୍କରେ ଭିଟୋ ଲଗାଇ ପାରିବନି

**ନୂଆଦିଲ୍ଲୀ:** ଉତ୍ତରାଖଣ୍ଡରେ ନିୟନ୍ତ୍ରଣ ରେଖା ନିକଟ ଚୀନ୍ ସୀମାରେ ଏବେ ଭାରତ-ଆମେରିକା ମିଳିତ ସମରାଭ୍ୟାସ ଚଳାଇଥିବାରୁ ଚୀନ୍ ଏହାର ବିରୋଧ ଜାରି ରଖିଛି। ଭାରତ-ଚୀନ୍ ସଂପର୍କରେ ଆମେରିକା ମୁଣ୍ଡ ନ ପୂରାଇବାକୁ ଚୀନ୍ ଧମକ ଦେଇଥିବା ବେଳେ ଗୁରୁବାର ଭାରତ ଏହା ଉପରେ ପ୍ରତିକ୍ରିୟା ରଖିଛି। ବିଦେଶ ମନ୍ତ୍ରାଳୟ ମୁଖପାତ୍ର ଅରିନ୍ଦବ ବାଗ୍ଚୀ କହିଛନ୍ତି, ‘ଭାରତ କେଉଁ ରାଷ୍ଟ୍ର ସହିତ ସମରାଭ୍ୟାସ କରିବ ତାହା ଆମର ନିଜସ୍ୱ ନିଷ୍ପତ୍ତି, ଚୀନ୍ ଏ କ୍ଷେତ୍ରରେ ନିଜର ନୀତି ନିଜେ ଉଲ୍ଲଂଘନ କରିବା ଉଚିତ ନୁହେଁ। ଆମେରିକା ସହ ଆମର ସଂପର୍କ ନେଇ ଚୀନ୍ ଭିଟୋ ପ୍ରୟୋଗ କରିପାରିବ ନାହିଁ।’ ସୂଚନାଯୋଗ୍ୟ, ଭାରତ-ଆମେରିକା ମଧ୍ୟରେ ସାମରିକ ରଣନୀତିକ ସଂପର୍କ ଏକ ନୂଆ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଚୀନ୍ ସୀମାରେ ଚାଲିଥିବା ସମରାଭ୍ୟାସରେ ଉଭୟ ଦେଶ ଅତ୍ୟାଧୁନିକ ଯୁଦ୍ଧକୌଶଳରେ ସମରାଭ୍ୟାସ କରୁଛନ୍ତି। ଏଲ୍ଏସିରେ ଚୀନ୍ ନିଜର ଶକ୍ତି ବୃଦ୍ଧି କରି ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଚାହୁଁଥିବା ବେଳେ ଭାରତ ଏହାର କଡ଼ା ଜବାବ ଦେଉଛି।

## ସୁପ୍ରିମ୍‌କୋର୍ଟରେ ତୃତୀୟ ‘କେବଳ ମହିଳା’ ବେଞ୍ଚ ଗଠିତ

**ନୂଆଦିଲ୍ଲୀ:** ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ ଗୁରୁବାର କେବଳ ମହିଳା ବିଚାରପତିଙ୍କୁ ନେଇ ଏକ ବେଞ୍ଚ ଗଠନ କରିଛନ୍ତି। ଏହି ବେଞ୍ଚରେ ଅଛନ୍ତି ଜଷ୍ଟିସ୍ ହିମା କୋହଲି ଓ ବେଲା ଏମ୍ ତ୍ରିବେଦୀ। ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟା ଯଥା ବୈବାହିକ ବିବାଦ ଜନିତ ବଦଳି ଓ ଜାମିନ ଆଦି ଉପରେ ଏହି ଖଣ୍ଡପୀଠ ଶୁଣାଣି କରିବେ। ସୁପ୍ରିମ୍‌କୋର୍ଟ ଇତିହାସରେ କେବଳ ମହିଳାଙ୍କୁ ନେଇ ବେଞ୍ଚ ଗଠନ କରାଯିବାରେ ଏହା ହେଉଛି ତୃତୀୟ ଘଟଣା। ଏହି ମହିଳା ବେଞ୍ଚ ବର୍ତ୍ତମାନ ସୁପ୍ରିମ୍‌କୋର୍ଟର କୋର୍ଟ ନମ୍ବର ୧୧ରେ ବସୁଛନ୍ତି। ଏହି ବେଞ୍ଚ ଦ୍ୱାରା ବର୍ତ୍ତମାନ ୩୨ଟି ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଛି। ସେଥି ମଧ୍ୟରୁ ୧୦ଟି ହେଉଛି ବୈବାହିକ ବିବାଦଜନିତ ବଦଳି ମାମଲା ଏବଂ ୧୦ଟି ଜାମିନ ମାମଲା। କେବଳ ମହିଳା ବିଚାରପତିଙ୍କୁ ନେଇ ବେଞ୍ଚ ପ୍ରଥମେ ୨୦୧୩ରେ ଗଠନ କରାଯାଇଥିଲା। ସେତେବେଳେ ଜଷ୍ଟିସ୍ ଜ୍ଞାନସୁଧା ମିଶ୍ର ଓ ରଞ୍ଜନା ପ୍ରକାଶ ଦେଶାଇ ଥିଲେ ଏହାର ସଦସ୍ୟ। ତା’ପରେ ୨୦୧୮ରେ ଜଷ୍ଟିସ୍ ଆର୍ ଭାନୁମତୀ ଓ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଦ୍ୱିତୀୟ ସର୍ବମହିଳା ଖଣ୍ଡପୀଠ ହୋଇଥିଲା। ବର୍ତ୍ତମାନ ସୁପ୍ରିମ୍‌କୋର୍ଟରେ ତିନିଜଣ ମହିଳା ବିଚାରପତି ଅଛନ୍ତି। ସେମାନେ ହେଉଛନ୍ତି- ଜଷ୍ଟିସ୍ ହିମା କୋହଲି, ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀ ଓ ଜଷ୍ଟିସ୍ ବିଭି ନାଗରତ୍ନା। ଜଷ୍ଟିସ ନାଗରତ୍ନା ୨୦୨୭ରେ ଦେଶର ପ୍ରଥମ ମହିଳା ପ୍ରଧାନବିଚାରପତି ହେବାକୁ ଯାଉଛନ୍ତି।

## ଏୟାରପୋର୍ଟରେ ମିଳିବନି ୫ଜି ସେବା




**ନୂଆଦିଲ୍ଲୀ :** ଦେଶର ଅନେକ ସହରରେ ୫ଜି ସେବା ଆରମ୍ଭ ହୋଇଯାଇଛି। ଅବଶ୍ୟ ଏବେବି ଏହି ସେବା ସମସ୍ତଙ୍କୁ ମିଳିପାରିନାହିଁ। ଏହାରି ମଧ୍ୟରେ ଟେଲିକମ୍ କମ୍ପାନୀ ମାନଙ୍କୁ ବିମାନବନ୍ଦର ରନୱେର ଉଭୟ ପାର୍ଶ୍ୱରେ ୨ କିଲୋମିଟର ପର୍ଯ୍ୟନ୍ତ ୫ଜି ସେବା ନଦେବାକୁ ନର୍ଦେଶ ଦେଇଛି ଟେଲିକମ୍ ଡିପାର୍ଟମେଣ୍ଟ। ଏହା ସହ ରନୱେର ୯୧୦ ମିଟର ପର୍ଯ୍ୟନ୍ତ କମ୍ପାନୀ ସେବା ଦେଇପାରିବେନାହିଁ। ଟେଲିକମ୍ କମ୍ପାନୀମାନେ ଜୋର୍ସୋର୍ରେ ୫ଜି ସେବା ଆରମ୍ଭ କରିବା ନେଇ ଘୋଷଣା କରିଛନ୍ତି। ଭାରତୀ ଏୟାରଟେଲ୍ ଦେଶର ପାଞ୍ଚ ଏୟାରପୋର୍ଟରେ ୫ଜି ସେବା ଦେବା ନେଇ ଘୋଷଣା କରିସାରିଛି। ପ୍ରକୃତରେ ୫ଜି ସିଗ୍ନାଲ ଯୋଗୁଁ ବିମାନର ଅଲ୍ଟିମିଟର ପ୍ରଭାବିତ ହୋଇଥାଏ। ଟେଲିକମ୍ ଡିପାର୍ଟମେଣ୍ଟ ଡିଜିସିଏକୁ ବିମାନର ଅଲ୍ଟିମିଟରକୁ ଯଥାଶୀଘ୍ର ବଦଳାଇବାକୁ କହିଛନ୍ତି। ଏହାର ଅର୍ଥ ଯଦି ଆପଣ ବିମାନରେ ବସିଛନ୍ତି ତେବେ ଆପଣଙ୍କୁ ୫ଜି ସେବା ମିଳିବନାହିଁ। ଏହା ସହ ଭାରତରେ ଏଭଳି ଅନେକ ଏୟାରପୋର୍ଟ ରହିଛି ଯେଉଁଠାରେ ୫ଜି ସର୍ଭିସ ଦେବା ସହଜ ନୁହେଁ। ତେବେ ଏହି ୨ କିଲୋମିଟର ସୀମା ପରେ ଏବଂ ୫୪୦ ମିଟର ପରିଧି ମଧ୍ୟରେ ୫ଜି ବେସ୍ ଷ୍ଟେସନ ସ୍ଥାପନ୍ କରିପାରିବେ କମ୍ପାନୀମାନେ। କିନ୍ତୁ ଏଥିରେ ମଧ୍ୟ କିଛି ପ୍ରତିବନ୍ଧକ ରହିଛି। ଏହା ନିର୍ଦ୍ଦେଶ ସେ ପର୍ଯ୍ୟନ୍ତ ଲାଗୁ ରହିବ ଯେଉଁପର୍ଯ୍ୟନ୍ତ ସବୁ ବିମାନର ଅଲ୍ଟିମିଟର ପରିବର୍ତ୍ତନ କରାଯାଇନାହିଁ। ଏହାର ଅର୍ଥ ବର୍ତ୍ତମାନ ବିମାନ ବନ୍ଦର ଆଖପାଖ ଅଞ୍ଚଳରେ ୫ଜି ସେବା ମିଳିବନାହିଁ।ତେବେ ଉଚିତ୍ ସମୟ ମଧ୍ୟରେ ପରିବର୍ତ୍ତିତ କରାଯିବ ବୋଲି ଡିଜିସିଏ ତରଫରୁ କୁହାଯାଇଛି।

## ଶତ୍ରୁ ଶିବିରରୁ ଡ୍ରୋନ୍ ଆସିଲେ ଝାମ୍ପିନେବ ଚିଲ

**ଡେରାଡୁନ :** ଶତ୍ରୁ ଶିବିରରୁ ଡ୍ରୋନ୍ ଆସିଲେ ଝାମ୍ପିନେବ ଚିଲ। ଆକାଶରେ ଅନୁପ୍ରବେଶ ରୋକିବ ଭାରତୀୟ ସେନାର ଚିଲ ଅର୍ଜୁନ। ଡ୍ରୋନ ପଠାଇ ଭାରତର କ୍ଷତି କରିବାକୁ ଚାହୁଁଥିବା ଶତ୍ରୁ ଦେଶ ସାବଧାନ। କାରଣ ଡ୍ରୋନ୍ ପଠାଇବାକୁ ଉଦ୍ୟମ କଲେ ମଜା ଚଖାଇବ ମାଟିଆ ଚିଲ। ଭାରତ ସୀମାନ୍ତ ଆକାଶରେ ଏଣିକି ମୁତୟନ ହେବ ଭାରତୀୟ ସେନାର ନୂଆ ଜଗୁଆଳି। ପଞ୍ଜାବ ସମେତ ବିଭିନ୍ନ ସୀମାନ୍ତ ରାଜ୍ୟରେ ଡ୍ରୋନ୍ ଅନୁପ୍ରବେଶ, ସେଥିରେ ଡ୍ରଗ୍ସ ଓ ହତିଆର ଚାଲାଣ ଏକ ଜଟିଳ ସମସ୍ୟାର ରୂପ ନେଇଛି। ଏହାକୁ ପ୍ରତିହତ କରିବା ପାଇଁ ଚିଲଙ୍କୁ ପ୍ରଶିକ୍ଷଣ ଦେଉଛି ଭାରତୀୟ ସେନା। ସେନାର



କେନାଇନ୍ ଆର୍ମି ବା ପ୍ରଶିକ୍ଷିତ କୁକୁର ସହ ମିଶି ଏଣିକି ଚିଲ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଭାବେ କାମ କରିବ। ଉତ୍ତରାଖଣ୍ଡ ଔଲିରେ ଚାଲିଥିବା ଭାରତ-ଆମେରିକା ମିଳିତ ସମରାଭ୍ୟାସରେ ଏହି ଚିତାକର୍ଷକ କରାନାମ ପ୍ରଦର୍ଶନ କରି ପୂରା ବିଶ୍ୱକୁ ଭାରତୀୟ ସେନାର ନିଜର ଦକ୍ଷତା ପ୍ରଦର୍ଶନ କରିଛି। ଶିକାରୀ ପକ୍ଷୀ ଚିଲର ଆଖି ଯେତିକି ଶକ୍ତିଶାଳୀ, ତା’ର ପଞ୍ଝା ମଧ୍ୟ ସେତିକି ମଜବୁତ। ଉଚ୍ଚ ଆକାଶରେ ଉଡ଼ି ଶିକାର ଖୋଜିବା ଓ କ୍ଷିପ୍ର ଗତିରେ ଉଡ଼ି ଆଖି ପିଛୁଳାକେ ଝାମ୍ପି ନେବାରେ ମାହିର। ତା’ର ଏଇ ସବୁ ଗୁଣକୁ ଦେଶର ସୁରକ୍ଷା ପାଇଁ ବ୍ୟବହାର କରୁଛି ଭାରତୀୟ ସେନା। ସୀମାନ୍ତ ଅଞ୍ଚଳରେ ସନ୍ଦିଗ୍ଧ ଡ୍ରୋନକୁ ଠାବ କରି ଖସାଇବା ପାଇଁ ଚିଲକୁ ଦିଆଯାଉଛି ସ୍ୱତନ୍ତ୍ର ତାଲିମ୍। ଆଜି ଏହାର ଝଲକ ଭାରତ-ଆମେରିକା ସେନା ପକ୍ଷରୁ ଉତ୍ତରାଖଣ୍ଡରେ ଚାଲିଥିବା ସମରାଭ୍ୟାସ ବେଳେ ଦେଖିବାକୁ ମିଳିଛି। ଭାରତୀୟ ସେନାର ପ୍ରଶିକ୍ଷିତ ଚିଲ ଅର୍ଜୁନ ଆଜି ତା’ର ଦକ୍ଷତା ଦେଖାଇଛି। ଏହି ଚିଲ୍ ଦେହରେ ଖଞ୍ଜାଯାଇଛି ଟ୍ରାକର୍ ଓ ଅନ୍ୟାନ୍ୟ ଆଧୁନିକ ଯନ୍ତ୍ରପାତି। ମିଳିତ ସମରାଭ୍ୟାସରେ ପ୍ରଥମ ଥର ପାଇଁ ଚିଲର ରଣକୌଶଳକୁ ପ୍ରଦର୍ଶନ କରାଯାଇଛି। କେବଳ ଚିଲ ନୁହେଁ, ଅନୁପ୍ରବେଶ ରୋକିବାକୁ ଚିଲର ସାଥି ଦେବେ ତାଲିମପ୍ରାପ୍ତ କୁକୁର। ଶତ୍ରୁପକ୍ଷ ଡ୍ରୋନର ଶବ୍ଦ ଶୁଣିବ କୁକୁର। ଏହାପରେ ଚିଲ ତାର ପଞ୍ଜା ଲଗାଇବ। ଯୁଦ୍ଧାଭ୍ୟାସରେ ସେନା କୁକୁରଙ୍କୁ ବିସ୍ଫୋରକ ଖୋଜିବା ଓ ଆତଙ୍କୀଙ୍କୁ କାବୁ କରିବା କୌଶଳ ମଧ୍ୟ ପ୍ରଦର୍ଶିତ ହୋଇଛି। ପାକିସ୍ତାନ ସୀମାବର୍ତ୍ତି ଅଞ୍ଚଳରେ ବାରମ୍ବାର ଧରାପଡୁଛି ସନ୍ଦିଗ୍ଧ ଡ୍ରୋନ୍। ଖାସ୍ କରି ପଞ୍ଜାବରେ ଡ୍ରଗ୍ସ ଓ ହତିଆର ଚାଲାଣରେ ମାଧ୍ୟମ ସାଜିଛି ଏହି ମାନବବିହୀନ ଉଡ଼ନ୍ତା ଯନ୍ତ୍ର।

### ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ

## କରୋନା ଟିକାରେ ମୃତ୍ୟୁ ପାଇଁ ସରକାର ଦାୟୀ ନୁହଁନ୍ତି

**ନୂଆଦିଲ୍ଲୀ :** କରୋନା ଟିକାକୁ ନେଇ କେନ୍ଦ୍ର ସରକାର ବଡ଼ କଥା କହିଛନ୍ତି। କରୋନା ଟିକା ଦ୍ୱାରା ହେଉଥିବା ମୃତ୍ୟୁ ପାଇଁ କେନ୍ଦ୍ର ସରକାର ଦାୟୀ ନୁହଁନ୍ତି ବୋଲି କହିଛନ୍ତି। କରୋନା ଟିକା କାରଣରୁ ହୋଇଥିବା କଥିତ ମୃତ୍ୟୁ ପାଇଁ କେନ୍ଦ୍ର ସରକାର କୌଣସି ଦାୟିତ୍ୱ ନେବାକୁ ମନା କରିଦେଇଛନ୍ତି। କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ କହିଛନ୍ତି ଯେ, ମୃତକ ଏବଂ ସେମାନଙ୍କ ପରିବାରବର୍ଗ ପ୍ରତି ଆମର ସହାନୁଭୂତି ରହିଛି, କିନ୍ତୁ ଟୀକାକରଣ ପରେ କୌଣସି ପ୍ରତିକୂଳ ପ୍ରଭାବ ପାଇଁ ଆମକୁ ଦାୟୀ କରାଯାଇ ପାରିବ ନାହିଁ। ପ୍ରକାଶଯୋଗ୍ୟ ଏହି ମାମଲା ଗତ ବର୍ଷ ଦୁଇ ଯୁବତୀଙ୍କ କଥିତ ରୂପରେ କରୋନା ଟୀକାକରଣ ପରେ ହୋଇଥିବା ମୃତ୍ୟୁ ସହ ସମ୍ବନ୍ଧିତ ଅଟେ। ଏହି ମାମଲାରେ ଯୁବତୀଙ୍କ ବାପା ମାଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଯାଚିକାରେ ସୁପ୍ରିମକୋର୍ଟଙ୍କୁ କରୋନା ଟିକା ଦ୍ୱାରା ହୋଇଥିବା ଏହି ମୃତ୍ୟୁର



ନିରପେକ୍ଷ ଯାଞ୍ଚ କରାଇବା ପାଇଁ ଦାବି କରାଯାଇଥିଲା। ଯାଚିକାରେ ଟୀକାକରଣ ପରେ କୌଣସି ବି ପାର୍ଶ୍ୱ ପ୍ରତିକ୍ରିୟା ହେବା ପୂର୍ବରୁ ଚିହ୍ନଟ କରି ସେଥିରୁ ରକ୍ଷା ପାଇବାର ଉପାୟ ବାହାର କରିବା ପାଇଁ ବିଶେଷଜ୍ଞଙ୍କ ବୋର୍ଡ ବନାଇବାର ଆଦେଶ ଦେବାକୁ ଦାବି କରାଯାଇଥିଲା। ଏହି ଯାଚିକାରେ ସୁପ୍ରମକୋର୍ଟ ନୋଟିସ ଜାରି କରି କେନ୍ଦ୍ରକୁ ଜବାବ ମାଗିଥିଲେ। ଏହା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ କୁହାଯାଇଛି ଯେ, ଟିକାର ପ୍ରତିକୂଳ ପ୍ରଭାବ କାରଣରୁ ହୋଇଥିବା ମୃତ୍ୟୁ ଓ କ୍ଷତିପୂରଣ ପାଇଁ କେନ୍ଦ୍ରକୁ ଦାୟୀ କରିବା ଆଇନ ଅନୁଯାୟୀ ଉଚିତ ନୁହେଁ। କୋର୍ଟ ଉଭୟ ଯୁବତୀଙ୍କ ମୃତ୍ୟୁରେ ସମ୍ବେଦନା ଓ ସାନ୍ତ୍ୱନା ଦେଇ କହିଛନ୍ତି, କେବଳ ଗୋଟିଏ ମାମଲାରେ ଏଇଏଫଆଇ କମିଟି ଟିକାକରଣର ପାର୍ଶ୍ୱପ୍ରତିକ୍ରିୟା ଦ୍ୱାରା ମୃତ୍ୟୁ ହୋଇଥିବା ପୁଷ୍ଟି କରିଛି। କେନ୍ଦ୍ର ସତ୍ୟପାଠ ଆଧାରରେ ଦାଖଲ ଜବାବରେ କହିଛନ୍ତି ଯେ, ଯେଉଁ ମାମଲାରେ ଟିକା ଦ୍ୱାରା ମୃତ୍ୟୁ ହୋଇଛି, ସେହି ମାମଲାରେ ସିଭିଲ କୋର୍ଟରେ ମକଦ୍ଦମା ଦାଖଲ କରି କ୍ଷତିପୂରଣ ମଗାଯାଇ ପାରିବ। କେନ୍ଦ୍ରର ଏହି ସତ୍ୟପାଠ ପରେ କରୋନା ଟିକାକୁ ନେଇ ଲୋକଙ୍କ ମାନଙ୍କ ମନରେ ପ୍ରଶ୍ନ ଉଠିଛି। ମହାମାରୀ କରୋନା ଦାଉରୁ ରକ୍ଷା କରିବା ପାଇଁ ଲୋକମାନେ ଟିକା ନେଉଛନ୍ତି। ହେଲେ ସେହି ଟିକା ଦ୍ୱାରା ହେଉଥିବା ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ସରକାର କୌଣସି ଦାୟିତ୍ୱ ନେବା ପାଇଁ ମନା କରି ଦେଇଛନ୍ତି। ଏପରି ସ୍ଥିତିରେ ଲୋକମାନେ କରୋନା ଟିକାକୁ କିଭଳି ଭରସା କରିବେ ବୋଲି କୁହାଯାଇଛି।


## ଅନ୍ତରୀକ୍ଷକୁ ତିନି ମହାକାଶଚାରୀଙ୍କୁ ପଠାଇଲା ଚୀନ୍



**ନୂଆଦିଲ୍ଲୀ :** ଆମେରିକା ସହ କଡ଼ା ପ୍ରତିଯୋଗିତା ମଧ୍ୟରେ ଚୀନ୍ ତିନି ମହକାଶଚାରୀଙ୍କୁ ଅନ୍ତରୀକ୍ଷକୁ ପଠାଇଛି। ଅନ୍ତରୀକ୍ଷରେ ନିର୍ମାଣଧୀନ ଚୀନର ସ୍ପେସ୍ ଷ୍ଟେସନ ପାଇଁ ତିନି ମହକାଶଚାରୀଙ୍କୁ ପଠାଇଛି। ଏହି ମହାକାଶଚାରୀମାନେ ନିଜ ସହଯୋଗୀଙ୍କ ସହ ମିଶି କାମ କରିବେ ଏବଂ ମହାକାଶ ବିଜ୍ଞାନ ଅନୁସନ୍ଧାନ ଏବଂ ପ୍ରୟୋଗ ଏବଂ ଅନ୍ତରୀକ୍ଷ ଚିକିତ୍ସା କ୍ଷେତ୍ରରେ ୪୦ ରୁ ଅଧିକ ପ୍ରୟୋଗ କରିବେ। ଏହା ଚୀନ ଦ୍ୱାରା ନିଜ ଅନ୍ତରୀକ୍ଷ ଷ୍ଟେସନକୁ ପଠାଯାଇଥିବା ତୃତୀୟ ମାନବ ମିଶନ। ଶେନଝୋଉ-୧୫ ଅନ୍ତରୀକ୍ଷ ଯାନକୁ ଉତ୍ତର-ପଶ୍ଚିମ ଚୀନର ଜିୟୁକାନ ଉପଗ୍ରହ ଉତକ୍ଷେପଣ କେନ୍ଦ୍ରରୁ ପଠାଯାଇଛି। ଏଥିରେ ତିନି ମହାକାଶଚାରୀ-ଫୀ ଜୁନଲଙ୍ଗ, ଡେଙ୍ଗ୍ କିଙ୍ଗ୍ମିଙ୍ଗ୍ ଏବଂ ଝାଙ୍ଗ୍ ଲୁ ଯାତ୍ରା କରିଛନ୍ତି। ଚୀନ ଅନ୍ତରୀକ୍ଷ ଏଜେନ୍ସୀ(ସିଏମଏସଏ) ଅନୁଯାୟୀ ଫି ଜୁନଲଙ୍ଗ୍ ଏହି ମିଶନର କମାଣ୍ଡର । ଏହି ଉତ୍କ୍ଷେପଣ ’ଲଙ୍ଗ ମାର୍ଚ୍ଚ-୨ ଏଫ୍’ ରକେଟ ଜରିଆରେ ହୋଇଥିଲା। ଏହି ଟିମ୍ ପ୍ରାୟ ୬ ମାସ ପର୍ଯ୍ୟନ୍ତ ଅନ୍ତରୀକ୍ଷରେ ରହିବେ ଏହି ସମୟ ମଧ୍ୟରେ ସ୍ପେସ ଷ୍ଟେସନ କାର୍ଯ୍ୟ ପୂରା ହେବା ନେଇ ଆଶାବାଦୀ ରହିଛି ଚୀନ୍। ଏହା ସହ ପୂର୍ବରୁ ଚୀନର ଘୋଷଣା ଅନୁଯାୟୀ, ସ୍ପେସ ଷ୍ଟେସନ ଚଳିତ ବର୍ଷ ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବାନେଇ ଆଶା ରହିଛି। ନିର୍ମାଣ ପୂରା ହେବା ପରେ ଚୀନ ନିଜର ନିଜର ସ୍ପେସ ଷ୍ଟେସନ ଥିବା ଏକମାତ୍ର ଦେଶ ହେବ। କାରଣ ଋଷର ସ୍ପେସ ଷ୍ଟେସନ (ଆଇଏସଏସ) ବିଭିନ୍ନ ଦେଶର ଏକ ସହଯୋଗୀ। ଚୀନ ସ୍ପେସ ଷ୍ଟେସନ (ସିଏସଏସ) ଋଷ ନିର୍ମିତ ଆଇଏସଏସର ଏକ ପ୍ରତିଯୋଗୀ ହେବା ନେଇ ଅନୁମାନ କରାଯାଉଛି। ସେପଟେ ବିଶେଷଜ୍ଞଙ୍କ ଅନୁଯାୟୀ, ଆଗାମୀ ବର୍ଷରେ ଆଇଏସଏସର ସେବାନିବୃତ ହେବା ପରେ ସିଏସଏସ ପୃଥିବୀ କକ୍ଷରେ ଥିବା ଏକମାତ୍ର ସ୍ପେସ ଷ୍ଟେସନ ହୋଇପାରେ।

## ଦେଶରେ ପ୍ରତିଦିନ ଏଡ୍‌ସରେ ଯାଉଛି ୧୨୫ ଜଣଙ୍କ ଜୀବନ

**ନୂଆଦିଲ୍ଲୀ:** ଡିସେମ୍ବର ୧ ତାରିଖକୁ ସମଗ୍ର ଦୁନିଆରେ ବିଶ୍ୱ ଏଡ୍ସ ଦିବସ ଭାବେ ପାଳନ କରାଯାଏ। ଏହି ଦିବସର ଉଦ୍ଦେଶ୍ୟ ଲୋକଙ୍କୁ କେମିତି ଏହି ରୋଗ ପ୍ରତି ସଚେତନ କରାଯାଇ ପାରିବ। ଏଡ୍ସର କାରଣ ଏଚଆଇଭି କିମ୍ବା ହ୍ୟୁମାନ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍। ଏହି ଭାଇରସ୍ ମଣିଷ ଶରୀରର ଇମ୍ୟୁନ ସିଷ୍ଟମକୁ ପ୍ରଥମେ ଆକ୍ରମଣ କରିଥାଏ। ଏହା ରୋଗ ପ୍ରତିରୋଧକ ପ୍ରଣାଳୀକୁ ଏତେ ଦୁର୍ବଳ କରିଦିଏ ଯେ ଏହା ଶରୀରର ଅନ୍ୟ କୌଣସି ସଂକ୍ରମଣ କିମ୍ବା ରୋଗକୁ ପ୍ରତିରୋଧ କରିବାରେ ଅକ୍ଷମ ହୋଇଯିବ। ଏଚଆଇଭି ଏମିତି ଏକ ଭାଇରସ୍ ଯାହାକୁ ସମୟ ପୂର୍ବରୁ ଯଦି ଚିକିତ୍ସା କରାନଯାଏ ତେବେ ପରବର୍ତ୍ତୀ ସମୟରେ ଏଡ୍ସ ରୋଗରେ ପରିଣତ ହୋଇଯାଏ। ଏ ପର୍ଯ୍ୟନ୍ତ ଏହି ରୋଗର କୌଣସି ପ୍ରଭାବଶାଳୀ ଚିକିତ୍ସା ନାହିଁ। ମାତ୍ର କିଛି ଔଷଧ ସାହାରାରେ ଭାଇରାଲର ପ୍ରଭାବକୁ କମ କରାଯାଇ ପାରିବ। ଯଦ୍ୱାରା ଶରୀରର ରୋଗ ପ୍ରତିରୋଧ ପ୍ରଣାଳୀକୁ ମଜବୁତ କରି ପାରିବ। ସର୍ବପ୍ରଥମେ ୧୯୮୧ରେ ଏଚଆଇଭିର ଚିହ୍ନଟ ହୋଇଥିଲା। ହେଲେ ଭାରତରେ ଏହା ୧୯୮୬ରେ ପ୍ରଥମ ଥର ସାମ୍ନାକୁ ଆସିଥିଲା। ଚେନ୍ନାଇରେ ରହୁଥିବା କିଛି ଦେହଜୀବୀଙ୍କଠାରେ ଏହା ଚିହ୍ନଟ କରାଯାଇଥିଲା। ସେହି ସମୟ ପର୍ଯ୍ୟନ୍ତ ଦୁନିଆର ଅନେକ ଦେଶରେ ଏଚଆଇଭି ପହଞ୍ଚି ସାରିଥିଲା। ଏଚଆଇଭି ସଂକ୍ରମଣ ମାମଲାରେ ଭାରତ ଦୁନିଆରେ ଦ୍ୱିତୀୟ ସ୍ଥାନରେ ରହିଛି। ଚଳିତ ବର୍ଷ ମଧ୍ୟ ପ୍ରଦେଶର ସାମାଜିକ କର୍ମୀ ଚନ୍ଦ୍ର ଶେଖର ଗୌରଙ୍କ ଦ୍ୱାରା ଆରଟିଆଇ ଦାଖଲ





କରାଯାଇଥିଲା। ଏଥିରୁ ଜାଣିବାକୁ ମିଳିଛି ଯେ, ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ(ନାକୋ) ମୁତାବକ ୧୦ ବର୍ଷରେ ଭାରତରେ ୧୭ ଲକ୍ଷରୁ ଅଧିକ ଲୋକ ଅସୁରକ୍ଷିତ ଯୌନ ସମ୍ବନ୍ଧ କାରଣରୁ ଏଚଆଇଭିରେ ସଂକ୍ରମିତ ହୋଇଛନ୍ତି। ୨୦୧୧ରୁ ୨୦୨୧ ମଧ୍ୟରେ ୧୫ ହଜାର ୭୮୨ ଲୋକ ଏମିତି ଅଛନ୍ତି ଯିଏ ସଂକ୍ରମତ ରକ୍ତ ଜରିଆରେ ଏଚଆଇଭି ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୪୪୨୩ ଶିଶୁ ମାଆଙ୍କ ଜରିଆରେ ସଂକ୍ରମିତ ହୋଇଛନ୍ତି। ଅସୁରକ୍ଷିତ ଯୌନ ସମ୍ବନ୍ଧ ହିଁ ଏହି ରୋଗର ମୁଖ୍ୟ କାରଣ। ଅନେକ ମାମଲାରେ ସଂକ୍ରମିତ ରକ୍ତ ପ୍ରଭାବରେ ବି ସଂକ୍ରମଣ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଅନୁଯାୟୀ, ଏବେ ମଧ୍ୟ ଏହି ଭାଇରସ୍ ଲକ୍ଷାଧିକ ଲୋକଙ୍କୁ ସଂକ୍ରମିତ କରିଛି। ୨୦୨୧ ଶେଷ ସୁଦ୍ଧା ଦୁନିଆରେ ୩ କୋଟି ୮୪ ଲକ୍ଷ ଲୋକ ଏହି ରୋଗରେ ସଂକ୍ରମିତ ହୋଇଛନ୍ତି। ୨୦୨୧ରେ ସମଗ୍ର ଦୁନିଆରେ ଏଚଆଇଭି କାରଣରୁ ୬.୫ ଲକ୍ଷଙ୍କ ମୃତ୍ୟୁ ଘଟିଛି। ନାକୋ ଅନୁଯାୟୀ, ୨୦୨୧ରେ ଭାରତରେ ଏଡ୍ସର ୬୨,୯୬୭ ନୂତନ ମାମଲା ସାମ୍ନାକୁ ଆସିଥିଲା। ଏଥିରୁ ୪୧,୯୬୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଅର୍ଥାତ ପ୍ରତିଦିନ ହାରାହାରି ୧୧୫ ଜଣଙ୍କ ଏଡ୍ସ କାରଣରୁ ମୃତ୍ୟୁ ଘଟିଥିଲା। ୨୦୨୧ ଅସୁରକ୍ଷିତ ଯୌନ ସମ୍ବନ୍ଧ କାରଣରୁ ହିଁ ଏଚଆଇଭି ବ୍ୟାପିଥାଏ। ଏଥିପାଇଁ ଯୌନ ସଂପର୍କ ରଖିବା ସମୟରେ ପ୍ରତିଷେଧକମୂଳକ ବ୍ୟବସ୍ଥା ଅବଲମ୍ବନ କରନ୍ତୁ। ଏହା ବ୍ୟତୀତ ଇଞ୍ଜେକ୍ସନ ଜରିଆରେ ଡ୍ରଗ୍ସ ନେବାରୁ ନିବୃତ୍ତ ରୁହନ୍ତୁ। ଯଦି ଏଚଆଇଭି ସଂକ୍ରମିତ ହୋଇଥାନ୍ତି ତେବେ ବ୍ୟସ୍ତ ବିବ୍ରତ ନହୋଇ ତୁରନ୍ତ ଆଣ୍ଟି ରେଟ୍ରୋ ଭାଇରାଲ୍ ଥେରାପୀ ଆରମ୍ଭ କରନ୍ତୁ। କାରଣ ଏଚଆଇଭି ଶରୀରକୁ ବହୁତ ଦୁର୍ବଳ କରିଦିଏ। ଆଉ ଧିରେ ଧିରେ ଶରୀରକୁ ଅନ୍ୟ ରୋଗ ମାଡି ବସେ। ଏ ପର୍ଯ୍ୟନ୍ତ ଏହାର ଚିକିତ୍ସା ପଦ୍ଧତି ମିଳିନଥିଲେ ହେଁ ଔଷଧ ଜରିଆରେ ଏଥିରୁ ବଞ୍ଚି ପାରିବେ।

# +୨ର ସବୁ ପରୀକ୍ଷାକେନ୍ଦ୍ରରେ ଲାଗିବ ସିସିଟିଭି

**ଭୁବନେଶ୍ୱର :** ସମ୍ପୂର୍ଣ୍ଣ ଅତ୍ୟାଧୁନିକ ପ୍ରଣାଳୀରେ ନିୟନ୍ତ୍ରିତ ହେବ ସିଏଚଏସଇ (ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ)ର +୨ ପରୀକ୍ଷା। ସିଏଚ୍ଏସ୍ଇ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଜୁନିୟର କଲେଜର ପରୀକ୍ଷା ପରିଚାଳନା ଦାୟିତ୍ୱ ସିଏଚଏସଇ ଉପରେ ନ୍ୟସ୍ତ କରାଯାଇଛି। ପାଠ୍ୟ ପୁସ୍ତକ ପ୍ରସ୍ତୁତି, ପରୀକ୍ଷା ପରିଚାଳନା, ଖାତାଦେଖା, ଫଳ ପ୍ରକାଶନ ଆଦି କାର୍ଯ୍ୟ ପରିଷଦ ଦ୍ୱାରା ତ୍ୱରାନ୍ୱିତ ହେଉଛି। ପରୀକ୍ଷା ପରିଚାଳନାରେ

## ଭିଜୁଆଲର ହେବ ସିଧାପ୍ରସାରଣ
## ସିଏଚ୍ଏସ୍ଇ ଅଫିସରୁ ଅନୁଧ୍ୟାନ କରିବେ ସ୍କ୍ୱାଡ୍



ହେବାକୁ ଯାଉଛି। ବ୍ୟବସ୍ଥାରେ ସଂସ୍କାର ଅଣାଯିବା ସହିତ ମାନବସମ୍ବଳ ଓ ଅର୍ଥ ଅପଚୟକୁ ରୋକିବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ଏକ ନୂଆ ପଦ୍ଧତି ଆପଣାଇଛି। ଯୁକ୍ତଦୁଇ ପରୀକ୍ଷାରେ କପି ରୋକିବା ଓ ସୁପରିଚାଳନା ପାଇଁ 'ରିମୋଟ ଆକ୍ସେସ୍ କନେକ୍ଟିଭିଟି' ବ୍ୟବସ୍ଥା ଗଣଶିକ୍ଷା ବିଭାଗ ଲାଗୁ କରିବାକୁ ଯାଉଛି। ଯାହା ଫଳରେ ଯୁକ୍ତଦୁଇ ପରୀକ୍ଷାରେ ସଂସ୍କାର ଆସିବା ସହ କପିକୁ ରୋକାଯାଇ ପାରିବ। ରାଜ୍ୟର ୨ହଜାରରୁ ଅଧିକ ସଂସ୍କାର ଆଣିବା ଲାଗି ପରୀକ୍ଷାକେନ୍ଦ୍ରରେ ସିସିଟିଭି, ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା, ହବ୍ କେନ୍ଦ୍ର, ପ୍ରଶ୍ନପତ୍ର ସୁରକ୍ଷା ଲାଗି ପ୍ରତିବର୍ଷ ଗୁରୁତ୍ୱ ଦିଆଯାଉଥିବା ବେଳେ ଏନେଇ ମଧ୍ୟ ୩୦ଲକ୍ଷରୁ ୩୫ଲକ୍ଷ ଟଙ୍କା ବ୍ୟୟ ହେଉଛି। ବିଶେଷକରି ପରୀକ୍ଷା କେନ୍ଦ୍ର ଗୁଡିକରେ ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଲାଗି କଡ଼ା ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ପରୀକ୍ଷାକେନ୍ଦ୍ରରେ କପି ଯେପରି ରୋକାଯାଇପାରିବ ସେଥିପାଇଁ ଚଳିତବର୍ଷ ବିଭାଗ କଡ଼ାପଦକ୍ଷେପ ଗ୍ରହଣ କରାଯାଇଛି। ସେଥିପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ଲାଗୁ କରାଯିବା ସହ ରାଜ୍ୟର ସବୁ ପରୀକ୍ଷାକେନ୍ଦ୍ରଗୁଡିକର ସ୍ଥିତି କେବଳ ଗୋଟିଏ ସ୍ଥାନରେ ବସି ଅନୁଧ୍ୟାନ କରିବା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରିମୋଟ ଆକ୍ସେସ୍ କନେକ୍ଟିଭିଟି' ବ୍ୟବସ୍ଥା ଦ୍ୱାରା ବ୍ୟବସ୍ଥାରେ +୨ ପରିଷଦ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ମନିଟର ରଖାଯିବ। ସମସ୍ତ ପରୀକ୍ଷାକେନ୍ଦ୍ରଗୁଡିକରେ ସିସି କ୍ୟାମେରା ଥିବାବେଳେ ସେସବୁର ଆଇଡି ପାର୍ସୱାର୍ଡ ପରିଷଦ ପାଖରେ ରଖାଯିବ। ସିଏଚଏସଇ ଅଧିକାରୀମାନେ ରିମୋଟ ଆକ୍ସେସ୍ କନେକ୍ଟିଭିଟି' ମାଧ୍ୟମରେ ସମସ୍ତ ପରୀକ୍ଷାକେନ୍ଦ୍ରର ସମ୍ପୂର୍ଣ୍ଣ କାର୍ଯ୍ୟ ଗୋଟିଏ ସ୍ଥାନରେ ତଦାରଖ କରିପାରିବେ। ଏହାଦ୍ୱାରା ପୂର୍ବରୁ ଅଧିକାରୀମାନଙ୍କ ସ୍କ୍ୱାଡ ବାବଦରେ ଏବଂ ଗାଡି ଲାଗି ଯେଉଁ ସବୁ ଅର୍ଥ ବ୍ୟୟ ହେଉଥିଲା ତାହା ରୋକାଯିବା ସହ ପରୀକ୍ଷାର ସିଧା ପ୍ରସାରଣକୁ ଅଧିକାରୀମାନେ ତଦାରଖ କରିବେ। ଏହାବ୍ୟତୀତ ଯେଉଁସବୁ କଲେଜରେ ସିସି କ୍ୟାମେରା ନ ଥିବ ସମ୍ପୃକ୍ତ କଲେଜକୁ ପରୀକ୍ଷାକେନ୍ଦ୍ରରୁ ବାଦ୍ ଦିଆଯିବ। ସେହିପରି ପରୀକ୍ଷା କେନ୍ଦ୍ରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ବିଭାଗ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ପରୀକ୍ଷା ପରିଚାଳନାରେ ଆଇଟି ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସିଏଚଏସଇର କର୍ତ୍ତୃପକ୍ଷ କହିଛନ୍ତି। ବିଗତ ବର୍ଷ 'ରିମୋଟ ଆକ୍ସେସ୍ କନେକ୍ଟିଭିଟି' ବ୍ୟବସ୍ଥା ଆରମ୍ଭ ହୋଇଥିବାବେଳେ ପାଖାପାଖି ୭୦ ରୁ ୭୫ ପ୍ରତିଶତ କଲେଜକୁ ଏଥିରେ ସଂଯୋଗ କରାଯାଇଥିଲା। ହେଲେ ଚଳିତ ବର୍ଷ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାମିଲ୍ ପାଇଁ ଲକ୍ଷ୍ୟ ରହିଛି। ସେହିପରି ପରୀକ୍ଷା ପରିଚାଳନାରେ ସିଏଚଏସଇରେ ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ମୁତାବକ +୨ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧି ଶେଷ ହୋଇଛି। କଳା, ବାଣିଜ୍ୟ ଓ ବିଜ୍ଞାନରେ ପରୀକ୍ଷା ଦେବା ପାଇଁ ୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି।

### ହାଇକୋର୍ଟରେ ହାଇ ସିକ୍ୟୁରିଟି ନମ୍ବରପ୍ଲେଟ୍ ମାମଲା
## ପୁଣି ବଢ଼ିଲା ଅବଧି




**କଟକ :** ହାଇ ସିକ୍ୟୁରିଟି ନମ୍ବରପ୍ଲେଟ୍ ମାମଲାର ଶୁଣାଣିରେ ପୂର୍ଣ୍ଣଛେଦ ପଡ଼ିଛି। ପୁଣି ୧, ୨, ୩, ୪ ଶେଷ ନମ୍ବର୍ ପାଇଁ ଅନ୍ତିମ ତାରିଖ ଥିବା ବେଳେ ସମୟ ସୀମା ବୃଦ୍ଧି କରିବାର ନିଷ୍ପତ୍ତି ନେଇଛନ୍ତି ସରକାର। ଡିସେମ୍ବର ୩୧ ତାରିଖ ଯାଏ ସମୟସୀମା ବୃଦ୍ଧି କରାଯାଇଛି। ଏବେ ବୁକିଂ ପାଇଁ ପ୍ରତିଦିନ ୫୭ହଜାର ସ୍ଲଟ୍ ଉପଲବ୍ଧ ହେବ। ବୁକିଂ କରିଥିଲେ ନୂଆ ନମ୍ବର୍ ପ୍ଲେଟ ଲାଗି ନଥିଲେ ବି ଜରିମାନା ଆଦାୟ ହେବ ନାହିଁ ବୋଲି ସରକାର ଅବଗତ କରାଇବା ପରେ ହାଇକୋର୍ଟଙ୍କ ଶୁଣାଣିରେ ଅନ୍ତଃ ଘଟିଛି। କିଛି ସମସ୍ୟା ହେଲେ ପୁଣି ଆବେଦନକାରୀ ମାମଲା କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି। ପୂର୍ବରୁ ପରିବହନ ବିଭାଗ ତରଫରୁ ଦର୍ଶାଯାଇଥିଲା ଯେ ନଭେମ୍ବର ୨୦ ସୁଦ୍ଧା ପ୍ରାୟ ୩୫ ଲକ୍ଷ ୯୨୭ ଗାଡ଼ି ଏଚ୍ଏସ୍ଆରପି ପାଇଁ ପଞ୍ଜୀକରଣ କରିଛନ୍ତି। ଏଚ୍ଏସ୍ଆରପି ସ୍ଲଟ୍ ବୁକିଂରେ କୌଣସି ଅସୁବିଧା ନାହିଁ। ପ୍ରଥମ ପର୍ଯ୍ୟାୟର ନିର୍ଦ୍ଦିଷ୍ଟ ଶେଷ ନମ୍ବର ଥିବା ଗାଡ଼ିଗୁଡିକର ଶେଷ ତାରିଖ ନଭେମ୍ବର ୩୦ ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୨୨ ମସିହା ମେ ୨୬ ତାରିଖରେ ଗାଡ଼ିରେ ଏଚ୍ଏସ୍ଆରପି ଲଗାଇବା ସଂପର୍କିତ ନିର୍ଦ୍ଦେଶନାମା ସରକାର ଜାରି କରିଥିଲେ।

## ୨୦୨୪ ସୁଦ୍ଧା ଗ୍ରାମୀଣ ପରିବାରକୁ ଟ୍ୟାପ୍ ଜଳ

**ଭୁବନେଶ୍ୱର :** ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟଜଳ ସୁବିଧା ପାଇଁ ୪ ଲକ୍ଷ ୭୭ ହଜାର ୧୯୪ଟି ନଳକୂପ ଓ ୧୩ ହଜାର ୮୯୩ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ୨୦୨୪ ଶେଷ ସୁଦ୍ଧା ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ୪ ହଜାର ୬୦୪ ଏକାଧିକ ଗ୍ରାମ ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ, ୨୦୭ଟି ବୃହତ୍ତ ପାନୀୟଜଳ ଯୋଗାଣ ପ୍ରକଳ୍ପ ଓ ୬ହଜାର ୧୨୩ଟି ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ହାତକୁ ନିଆଯାଇଛି। ଏତଦ୍ୱ୍ୟତୀତ ସମ୍ପ୍ରତି ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ୨ହଜାର ୧୫୪ଟି ପାଇପ ଜଳଯୋଗାଣ ପ୍ରକଳ୍ପକୁ ମୁଣ୍ଡପିଛା ୭୦ ଲିଟର ହିସାବରେ ପାନୀୟ ଜଳ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି।


# ଭୁବନେଶ୍ୱରରେ ହେବ ଗଙ୍ଗାଧର ମେହେର ଭବନ

**ଭୁବନେଶ୍ୱର :** ଓଡିଆ ସାହିତ୍ୟର ଯଶସ୍ୱୀ ସାଧକ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ 'ସ୍ୱଭାବ କବି ଗଙ୍ଗାଧର ମେହେର ଭବନ' ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଚନ୍ଦ୍ରଶେଖରପୁର ମୌଜାରେ ଅଧ ଏକର ଜମି ମଞ୍ଜୁର କରିଛନ୍ତି। ଏହାସହିତ ଏହି ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ୩ କୋଟି ଟଙ୍କା ମଧ୍ୟ ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୮ ତାରିଖ ଦିନ ନିଖିଳ ଓଡିଶା ମେହେର (ଭୁଲିଆ) ସମାଜର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ୱଭାବ କବିଙ୍କ ସ୍ମୃତିରେ ଭବନ ନିର୍ମାଣ ଓ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ କବିଙ୍କ ସ୍ମୃତିରେ ଭୁବନେଶ୍ୱର ଠାରେ ଏକ ଭବନ ନିର୍ମାଣ କରାଯିବା ସହିତ ସ୍ୱଭାବ କବିଙ୍କର ଶ୍ରାଦ୍ଧ ଶତବାର୍ଷିକୀ ମାର୍ଚ୍ଚ ୨୦୨୪ରେ ଆୟୋଜନ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା। ସ୍ୱଭାବ କବିଙ୍କର ସ୍ମୃତିରେ ଭୁବନେଶ୍ୱରରେ ଏକ ଭବ୍ୟ ଭବନ ନିର୍ମାଣ କରାଯିବା ସହିତ କବିଙ୍କର ଶ୍ରାଦ୍ଧ ଶତବାର୍ଷିକୀ ଓ ମହାସଭା ୨୦୨୪ରେ ଉପଯୁକ୍ତ ଭାବରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳଙ୍କୁ ପ୍ରତିଶୃତି ଦେଇଥିଲେ। ଭୁବନେଶ୍ୱର ରେ 'ସ୍ୱଭାବ କବି ଗଙ୍ଗାଧର ମେହେର ଭବନ' ନିର୍ମାଣ ହେଲେ ଦୂରଦୂରାନ୍ତରରୁ ପାଠ ପଢିବାକୁ ଆସୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଠ ପଢିବା ପାଇଁ ତଥା ଚିକିତ୍ସା ପାଇଁ ଆସୁଥିବା ଲୋକମାନଙ୍କୁ ବିଭିନ୍ନ ସେବା ଏହି ଭବନରେ ଯୋଗାଇ ଦିଆଯିବ ବୋଲି ମେହେର ସମାଜ ପକ୍ଷରୁ ସୂଚନା ଦିଆଯାଇଥିଲା। ମେହେର ସମାଜର ଅନୁରୋଧକୁ ରକ୍ଷା କରି ଜମି ଯୋଗାଇ ଦେବାପାଇଁ ଏବଂ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସ୍ୱଭାବ କବିଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ୧୯୨୪ ମସିହାରେ ସ୍ୱଭାବ କବି ମେହେର ସମାଜ (ଭୁଲିଆ)କୁ ସଂଗଠିତ କରି ବରପାଲି ଠାରେ ଏକ ମହାସଭାର ଆୟୋଜନ କରିଥିଲେ। ଏହି ଭୁଲିଆ ସମାଜ ପରବର୍ତ୍ତୀ ସମୟରେ ନିଖିଳ ଓଡିଶା ମେହେର(ଭୁଲିଆ) ସମାଜରେ ପରିଣତ ହୋଇଥିଲା। ଓଡିଆ ଜାତିର ପ୍ରାତଃ ସ୍ମରଣୀୟ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲ ଛକ, ବ୍ରହ୍ମପୁର ଓ ସମ୍ବଲପୁରରେ ମଧ୍ୟ କବିଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଛି। ଓଡିଆ ଜାତିର ପ୍ରାତଃ ସ୍ମରଣୀୟ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ହସ୍ପିଟାଲ ଛକ, ବ୍ରହ୍ମପୁର ଓ ସମ୍ବଲପୁରରେ ମଧ୍ୟ କବିଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଛି। ଏତଦ୍‌ବ୍ୟତୀତ କବି ଗଙ୍ଗାଧର ମେହେରଙ୍କ ନାମରେ ୨୦୯୦ କୋଟି ଟଙ୍କାର ଗଙ୍ଗାଧର ମେହେର ଲିଫ୍ଟ କେନାଲ ସିଷ୍ଟମ ଜଳସେଚନ ଯୋଜନାର କାମ ଚାଲିଛି ଏବଂ ଏହା ୨୦୨୩ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ସମ୍ବଲପୁର ଗଙ୍ଗାଧର ମେହେର କଲେଜକୁ ୨୦୧୫ ମସିହାରୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଛି। ଶିକ୍ଷାର ପ୍ରସାର ନିମନ୍ତେ ୪୩୦ କୋଟି ଟଙ୍କାର ଓଡ଼ିଶା ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା କାର୍ଯ୍ୟକାରୀ କରାଯାଉଛି।

## ୯ରୁ ମାଟ୍ରିକ ସମ୍ମେଟିଭ-୧ ପରୀକ୍ଷା ଖାତା ଦେଖା

**ଭୁବନେଶ୍ୱର :** ଶେଷ ହେଲା ମାଟ୍ରିକ ସମ୍ମେଟିଭ-୧ ପରୀକ୍ଷା। ଡିସେମ୍ବର ୯ରୁ ଆରମ୍ଭ ହେବ ମୂଲ୍ୟାୟନ। ମୋଟ ୫୬ଟି କେନ୍ଦ୍ରରେ ଖାତା ଦେଖିବେ ୧୨ ହଜାର ୪୫୦ ଶିକ୍ଷକ। ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ହେବ। ୧୦ ଦିନରେ ଖାତା ଦେଖା ସାରିବା ଲକ୍ଷ୍ୟ ରଖା ଯାଇଥିବା କହିଛନ୍ତି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି। ଚଳିତ ବର୍ଷ ୫ ଲକ୍ଷ ୪୦ ହଜାର ୭୧୨ ଜଣ ପରୀକ୍ଷାର୍ଥୀ ୩୦୨୯ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ସେହିପରି ମଧ୍ୟମାରେ ୨ ହଜାର ୯୧୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୧୦୮ ଟି କେନ୍ଦ୍ର ଥିବା ବେଳେ ଓପନ୍ ସ୍କୁଲ ସାର୍ଟିଫିକେଟ ପାଇଁ ୭୧୮୧ ଜଣ ପରୀକ୍ଷାର୍ଥୀ ୧୪୬ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଦଶମ ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଥିବା ଏହି ପରୀକ୍ଷାକୁ ସୁରୁଖୁରୁରେ କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ପରୀକ୍ଷାକୁ ଶୃଙ୍ଖଳିତ ଓ କପି ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ହୋଇଥିଲା। ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍ ନେବାକୁ ଅନୁମତି ଦିଆଯାଇ ନ ଥିଲା। ପରୀକ୍ଷାର୍ଥୀ କେବଳ ପେନ ଓ ଆଡମିଟ କାର୍ଡ ବ୍ୟତୀତ ଅନ୍ୟ କିଛି ନେବେନି ବୋଲି କହିଥିଲେ ବୋର୍ଡ ସଭାପତି। ଚଳିତଥର ସମ୍ମେଟିଭ-ୱାନ୍ ଓ ସମ୍ମେଟିଭ-ଟୁ ପରୀକ୍ଷା ସହ ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷାରୁ ପରୀକ୍ଷାର୍ଥୀଙ୍କ ମାର୍କର ମୂଲ୍ୟାଙ୍କନ କରାଯିବ। ତେଣୁ ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

## ହୀରାକୁଦରେ ଅଣମୌସୁମୀ ଜଳ ହ୍ରାସ ପାଉଛି



**ଭୁବନେଶ୍ୱର :** ହୀରାକୁଦଠାରେ ହାରହାରି ଅଣମୌସୁମୀ ଜଳ ହ୍ରାସ ପାଉଛି। ଏହାଦ୍ୱାରା ଅଣମୌସୁମୀ ସମୟରେ ମହାନଦୀର ଜଳ ପ୍ରବାହ ତଟବର୍ତ୍ତୀ ଅଞ୍ଚଳରେ କମୁଥିବା ନଜରକୁ ଆସିଥିବା ସୂଚନା ଦେଇଛନ୍ତି ଜଳସଂପଦ ମନ୍ତ୍ରୀ ଟୁକୁନି ସାହୁ। ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ସାହୁ କହିଛନ୍ତି ଯେ ମହାନଦୀ ଅବବାହିକାର ଉପର ଅଞ୍ଚଳରେ ଛତିଶଗଡ଼ ଅବସ୍ଥିତ। ଛତିଶଗଡ଼ ସରକାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଅଣମୌସୁମୀ ସମୟରେ ଜଳ ପ୍ରବାହର ପରିମାଣ କ୍ରମାଗତ ଭାବେ ହ୍ରାସ ପାଉଛି। ରାଜ୍ୟ ସରକାରଙ୍କ ଆକଳନ ଅନୁଯାୟୀ ମହାନଦୀର ହୀରାକୁଦଠାରେ ଅଣମୌସୁମୀ ଋତୁରେ ହାରହାରି ଜଳ ପ୍ରବାହର ପରିମାଣ ୧୯୯୧-୯୨ରୁ ୨୦୦୪-୦୫ ପର୍ଯ୍ୟନ୍ତ ପ୍ରାୟ ୧.୯୨ ନିୟୁତ ଏକର ଫୁଟ୍ ଥିଲା। ପରବର୍ତ୍ତୀ ସମୟରେ ୨୦୦୫-୦୬ ମସିହାରୁ ୨୦୧୫-୧୬ ପର୍ଯ୍ୟନ୍ତ ହାରହାରି ପ୍ରବାହ ପ୍ରାୟ ୧.୨୫୨ ନିୟୁତ ଏକର ଫୁଟ୍‌କୁ ହ୍ରାସ ପାଇଛି। ସେହିପରି ୨୦୧୬/୧୭ ମସିହାରୁ ୨୦୨୧/୨୨ ପର୍ଯ୍ୟନ୍ତ ହାରହାରି ପ୍ରବାହ କ୍ରମାଗତ ଭାବେ ପ୍ରାୟ ୧.୧୮୭ ନିୟୁତ ଏକର ଫୁଟ୍‌କୁ ହ୍ରାସ ପାଇଛି। ମହାନଦୀ ସମେତ ବିଭିନ୍ନ ନଦୀରେ ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ଜରିଆରେ ଜଳ ସଂରକ୍ଷଣ ପାଇଁ ୨୦୧୯ରେ ସରକାର ୧୧,୭୧୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ମିଶନ ଶକ୍ତି ମା' ମାନଙ୍କୁ ସଫଳ ଉଦ୍ୟୋଗୀ କରିବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ସଶକ୍ତ ମା', ସମୃଦ୍ଧ ଓଡ଼ିଶା। ରାଜ୍ୟର ମିଶନ ଶକ୍ତି ମା ମାନଙ୍କ କାର୍ଯ୍ୟକ୍ରମରେ ଏକ ବିଶାଳ ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ୨୦୨୨ ଅପ୍ରେଲ ପହିଲାରୁ ଏହି ନୂତନ ଋଣ ବ୍ୟବସ୍ଥା ଲାଗୁ ହେବ। ପୂର୍ବରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଥିଲା। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ଆମର ମିଶନ ଶକ୍ତି ମା ମାନେ ଏସ୍ଏଚଜିରୁ ଏସ୍ଏମ୍ଇ ବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏବଂ ଆମର ଲକ୍ଷ ଲକ୍ଷ ମା ମାନେ ଅଧିକ ଟଙ୍କାର ଋଣ ନେଇ ବଡ ବଡ ବ୍ୟବସାୟ କରିପାରିବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାର ରୂପାନ୍ତର କ୍ଷେତ୍ରରେ ମା ମାନେ ହେଉଛନ୍ତି ଏକ ଅଭିନ୍ନ ଅଙ୍ଗ। ଆଜିର ଏହି ନିଷ୍ପତ୍ତି ସେମାନଙ୍କୁ ସଶକ୍ତ କରିବାରେ ଓ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।




ମିଶନ ଶକ୍ତି ମା ମାନଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଗ୍ରୁପ ମାନଙ୍କୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହାଦ୍ୱାରା ମିଶନ ଶକ୍ତିର ମା ମାନେ ସଫଳ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଆମ ପ୍ରତିଶୃତି ଅନୁଯାୟୀ ରାଜ୍ୟ ସରକାର ମିଶନ ଶକ୍ତି ମା ମାନଙ୍କୁ ଗତ ୩ ବର୍ଷରେ ସରକାରୀ ଭାବରେ ୪୦୦୦ କୋଟି ଟଙ୍କାର ବିଜିନେସ ଯୋଗାଇ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହିତ ଗତ ୫ ବର୍ଷରେ ମିଶନ ଶକ୍ତି ମା ମାନଙ୍କୁ ୧୭ ହଜାର କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ଆମର ମିଶନ ଶକ୍ତି ମା ମାନଙ୍କୁ ଉତ୍ସାହିତ କରିବାପାଇଁ ଓଡିଶା ସରକାର ବିନା ସୁଧରେ, ଜିରୋ ଇଣ୍ଟେରେଷ୍ଟରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ଚାରି ଲକ୍ଷ ଏସ୍ଏଚ୍‌ଜି ଗ୍ରୁପ୍‌ର ବ୍ୟାଙ୍କ ଖାତାକୁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର ସୁଧ ଫେରାଇଛନ୍ତି। ମହିଳା ସଶକ୍ତିକରଣ ଦିଗରେ ମିଶନ ଶକ୍ତି ଏକ ଅଭିନବ ଉଦ୍ୟମ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ୭୦ ଲକ୍ଷ ମା ମାନଙ୍କୁ ୬ ଲକ୍ଷ ସେଲ୍ଫ ହେଲ୍‌ପ ଗ୍ରୁପ୍ ଜରିଆରେ ଏହା ଏକାଠି କରିପାରିଛି। ଏହି ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ତାଙ୍କ ସରକାର ସ୍ୱତନ୍ତ୍ର ଭାବରେ ମିଶନ ଶକ୍ତି ବିଭାଗ ଗଠନ କରିଛନ୍ତି ଏବଂ ସବୁ ଏସ୍ଏଚ୍‌ଜି କାର୍ଯ୍ୟକ୍ରମ ଏହି ବିଭାଗ ଜରିଆରେ ହିଁ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ୨୦୨୦ ଜୁନ୍ ୧ ତାରିଖରେ ମିଶନ ଶକ୍ତି ବିଭାଗ ପ୍ରତିଷ୍ଠା କରାଯାଇ ରାଜ୍ୟର ସବୁ ଏସ୍.ଏଚ.ଜି କାର୍ଯ୍ୟକ୍ରମକୁ ଗୋଟିଏ ବିଭାଗ ଅଧୀନରେ ରଖାଯାଇଥିଲା।

# ରାଜ୍ୟରେ ସୃଷ୍ଟି ହେବ ବ୍ୟାପକ ନିଯୁକ୍ତି

**ଭୁବନେଶ୍ୱର :** ୧୨ଟି ବିଭାଗର ୧୭ଟି ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର। ଓଡିଶା ପୋଷାକ ଓ ବୈଷୟିକ ବୟନଶିଳ୍ପ ନୀତି-୨୦୨୨ କ୍ୟାବିନେଟରେ ଅନୁମୋଦନ ଲାଭ କରିଛି। ଏହି ନୀତି ଓଡିଶାରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠାରେ ସହାୟକ ହେବ। ଏହି ନୀତିରେ ପୁଞ୍ଜି ବିନିଯୋଗ ସହାୟତା, ନିଯୁକ୍ତି ସହାୟତା ତଥା ବଜାର ବିକାଶ ସହାୟତା ପାଇଁ ପ୍ରୋତ୍ସାହନର ବ୍ୟବସ୍ଥା ରଖାଯାଇଛି। ଓଡ଼ିଶା କାରଖାନା ଓ ବାଷ୍ପିତ୍ର ନିରୀକ୍ଷଣ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ ସଂଶୋଧନ ନିୟମାବଳୀ-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହି ସେବାର ମୂଳ ପଦବୀ ଆସିଷ୍ଟାଣ୍ଟ ଡାଇରେକ୍ଟର ଚୟନ ଲାଗି ଲିଖିତ ଓ ସାକ୍ଷାତକାର ପରୀକ୍ଷା ଲୋକସେବା ଆୟୋଗ ଦ୍ୱାରା କରାଯିବ। ଓଡିଆ ଚଳଚ୍ଚିତ୍ର 'ଦମନ'କୁ ଟିକସମୁକ୍ତ କରିବା ପାଇଁ ପୂର୍ବ ନିଷ୍ପତ୍ତି କ୍ୟାବିନେଟ ଦ୍ୱାରା ଅନୁମୋଦନ ଲାଭ କରିଛି। ନୂତନ ପର୍ଯ୍ୟଟନ ନୀତି-୨୦୨୨କୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି। ପର୍ଯ୍ୟଟନ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ





ପୋତ୍ସାହିତ କରାଯିବା ସହିତ ସ୍ୱାସ୍ଥ୍ୟ ଓ ମେଡିକାଲ ଟୁରିଜିମ୍‌କୁ ପର୍ଯ୍ୟଟନ ଉଦ୍ୟୋଗ ଭାବେ ଅନୁମୋଦନ ଦେବା ପାଇଁ ବ୍ୟବସ୍ଥା ରହିଛି। ବିଭିନ୍ନ ପଦବୀରେ ଭର୍ତ୍ତି ପାଇଁ ଥିବା ଶାରୀରିକ ମାନକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପ୍ରକ୍ରିୟାର ନିୟମାବଳୀ-୨୦୨୨କୁ ରାଜ୍ୟ କ୍ୟାବିନେଟର ଅନୁମୋଦନ କରିଛି। ଜୁନିଅର ଷ୍ଟେନୋଗ୍ରାଫର, ଜୁନିଅର ଟାଇପିଷ୍ଟ, ଡାଟା ଏଣ୍ଟ୍ରି ଅପରେଟର ଓ ଜୁନିଅର କ୍ଲର୍କ-କମ୍-ଟାଇପିଷ୍ଟ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨କୁ ରାଜ୍ୟ କ୍ୟାବିନେଟର ଅନୁମୋଦନ କରିଛି। ଏହାଦ୍ୱାରା ଏହି ପରୀକ୍ଷା ଗୁଡିକ ସୁବ୍ୟବସ୍ଥିତ ହେବା ସହିତ ପରୀକ୍ଷାର୍ଥୀ ଓ ରାଜ୍ୟ ସରକାରଙ୍କ ବ୍ୟୟ ଭାର ହ୍ରାସ ପାଇବ। ସେହିପରି ଅମଳ ପରବର୍ତ୍ତୀ କ୍ଷତି ଏବଂ ଉଦ୍ୟାନ କୃଷି ଉତ୍ପାଦର ବ୍ରାଣ୍ଡିଂ, ପ୍ୟାକେଜିଂ ଓ ମାର୍କେଟିଂ କ୍ଷେତ୍ରକୁ ସହାୟତା ଯୋଗାଇବା ସହ କୃଷକ ମାନଙ୍କୁ ଆର୍ଥିକ ସହାୟତା ଦେବା ଉଦ୍ଦେଶ୍ୟରେ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ଉଦ୍ୟାନ କୃଷିର ଅମଳ ପରବର୍ତ୍ତୀ ବିପଣନରେ ସହାୟତା ଯୋଜନାଟି କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଓଡ଼ିଶାରେ ସଂଯୋଜନ କ୍ଷେତ୍ରର ବିକାଶ ପାଇଁ ଓଡିଶା ଲଜିଷ୍ଟିକ ପଲିସି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହା ବାଣିଜ୍ୟ ଓ ବାଣିଜ୍ୟ ପାଇଁ ଉପଯୁକ୍ତ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିବ ଏବଂ ଯୋଗାଣ ଶୃଙ୍ଖଳକୁ ମଧ୍ୟ ମଜବୁତ କରିବ। ଓଡିଶା ବେସାମରିକ ବିମାନ ଚଳାଚଳ ନୀତି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଯାନବାହନ ଜନିତ ବାୟୁ ପ୍ରଦୁଷଣ କମ୍ କରିବାରେ ଏହି ନୀତି ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାଦ୍ୱାରା ୧୫ ବର୍ଷ ପୂରଣ କରିଥିବା ସମସ୍ତ ପୁରୁଣା ଗାଡିକୁ ସ୍କ୍ରାପିଂ କେନ୍ଦ୍ରରେ ସ୍କ୍ରାପ କରିବାକୁ ପଡିବ। ଓଡିଶା ଅକ୍ଷୟ ଶକ୍ତି ନୀତି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଶିଳ୍ପ ନୀତି-୨୦୨୨କୁ ମଧ୍ୟ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ରାଜ୍ୟରେ ବଡ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଓଡିଶାକୁ ପୂର୍ବ ଭାରତର ଶିଳ୍ପ ହବ୍ କରିବା ଉପରେ ଏଥିରେ ଗୁରୁତ୍ୱ ଆରୋପ କରାଯାଇଛି। ଓଡିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଓଡିଶା ରପ୍ତାନୀ ପଲିସି-୨୦୨୨ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ଏହି ନୀତି ଅନୁଯାୟୀ ରପ୍ତାନୀ ପ୍ରତିଯୋଗିତାରେ ଉନ୍ନତି ଆଣିବା ସହ ଓଡିଶାକୁ ଭାରତର ୫ଟି ଶ୍ରେଷ୍ଠ ରାଜ୍ୟରେ ସାମିଲ କରିବା। ଓଡିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆସିଥିବା ବିଶୁଦ୍ଧ ପାନୀୟ ଜଳଯୋଗାଣ ସଂକ୍ରାନ୍ତୀୟ ଦୁଇଟି ପ୍ରସ୍ତାବ କ୍ୟାବିନେଟର ଅନୁମୋଦନ ଲାଭ କରିଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ର ଧାରା-୨ର ଉପଧାରା-୨, ଧାରା-୧୪, ୧୯, ୨୪, ୨୫, ୪୬ ଓ ୮୭ର ସଂଶୋଧନକୁ ରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି।

## ଓଡ଼ିଶାରେ କୋଭିଡ୍ ମୃତ୍ୟୁ ୨୦ ହଜାରରୁ ଅଧିକ

**ଭୁବନେଶ୍ୱର :** ରାଜ୍ୟରେ କରୋନା ମହାମାରୀରେ ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ୨୦ହଜାରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ମୃତ୍ୟୁ ସଂଖ୍ୟା ୯୨୦୪ ବୋଲି ଦର୍ଶାଉଥିଲେ ମଧ୍ୟ ଏହି ସଂଖ୍ୟା ୨୦ହଜାରୁ ଅଧିକ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ତେବେ ସରକାର କୋଭିଡଜନିତ ମୃତ୍ୟୁ ସଂଖ୍ୟା ଲୁଚାଉଛନ୍ତି ଓ ଏଥିପାଇଁ ଏକ ଶ୍ୱେତପତ୍ର ଆଣନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛନ୍ତି। ବିଧାନସଭାରେ ଆଜି ବିଧାୟକ ନବ ଚରଣ ମାଝୀ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ, କୋଭିଡ-୧୯ ମହାମାରୀ ଯୋଗୁ ୨୦୨୦ରୁ ୨୦୨୨ ମସିହା ମଧ୍ୟରେ ଏପର୍ଯ୍ୟନ୍ତ ୨୦ହଜାରରୁ ଅଧିକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେହିପରି ରାଜ୍ୟରେ ୨୦୧୨ରୁ ୨୦୨୨ ମସିହା ମଧ୍ୟରେ ବାତ୍ୟା, ବନ୍ୟା, ମରୁଡ଼ି ଓ ବର୍ଷା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲେ ମଧ୍ୟ ସେଥିରେ ମୃତ୍ୟୁ ସଂଖ୍ୟା ମାତ୍ର ୨୨୭ ମଧ୍ୟରେ ସୀମିତ ରହିଛି। ୨୦୧୨ ଓ ୨୦୧୬ ମସିହାରେ ରାଜ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିନଥିବାବେଳେ ୨୦୧୮ ମସିହାର ବାତ୍ୟା 'ତିତଲି'ରେ ସର୍ବାଧିକ ୭୨ଜଣ ଓ ବାତ୍ୟା 'ଫନି'ରେ ୬୪ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୦ରେ ପ୍ରବଳ ବନ୍ୟା ଓ ବର୍ଷା ଯୋଗୁ ୩୮ଜଣ, ୨୦୨୧ରେ ବନ୍ୟା ଓ ବର୍ଷା ଯୋଗୁ ୧୩ଜଣ ଏବଂ ୨୦୨୨ରେ ବନ୍ୟା ଓ ବର୍ଷାରେ ୧୨ଜଣଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀ ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।



ଅନ୍ୟପକ୍ଷରେ ଗତ ଦୁଇଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଥିଲେ ଯେ, ରାଜ୍ୟର ମୋଟ ୨୨୪ଜଣ ସରକାରୀ କର୍ମଚାରୀ କୋଭିଡରେ ପ୍ରାଣ ହରାଇଛନ୍ତି। ରାଜ୍ୟ ସରକାରଙ୍କ ୧୭ଟି ବିଭାଗରେ କାର୍ଯ୍ୟରତ ମୋଟ ୨୨୪ଜଣ କର୍ମଚାରୀଙ୍କର କରୋନାରେ ମୃତ୍ୟୁ ହୋଇଛି। ଏହି କୋଭିଡ୍ ଯୋଦ୍ଧାମାନଙ୍କୁ ସରକାର ଚିହ୍ନଟ କରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୭୭ଜଣଙ୍କ ଜ୍ଞାତିକୁଟୁମ୍ବଙ୍କୁ ପ୍ରତିଶ୍ରୁତି ମୁତାବକ କୋଭିଡ୍ ସହାୟତା ବାବଦରେ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାକି ୪୭ଜଣଙ୍କ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି। କରୋନାରେ ପ୍ରାଣ ହରାଇଥିବା ସରକାରୀ କର୍ମଚାରୀଙ୍କ ମଧ୍ୟରେ ସର୍ବାଧିକ ଗୃହ ବିଭାଗରେ ୭୬ଜଣ, ସ୍ୱାସ୍ଥ୍ୟ ବିଭାଗରେ ୬୦ଜଣ, ପଂଚାୟତିରାଜ ବିଭାଗରେ ୨୫ଜଣ, ମହିଳା ଓ ଶିଶୁବିକାଶ ବିଭାଗରେ ୧୯ଜଣ, ନଗର ଉନ୍ନୟନ ବିଭାଗରେ ୧୬ଜଣ, ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୯ଜଣ ଏଭଳି ମୋଟ ୨୨୪ଜଣ କୋଭିଡ୍ ଯୋଦ୍ଧାଙ୍କ ମୃତ୍ୟୁ ହୋଇଛି।




ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୫ - ୧୧ ଡିସେମ୍ବର, ୨୦୨୨

# କ'ଣ କହିଲେ ଗୋପାଳପୁର ବିଧାୟକ!

ସମ୍ବାଦକାଣ୍ଡ

ତାରକ ମହାନ୍ତି



ପ୍ରଶାସନର ଅହଂକାର ବଢିଯାଇଛି, ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଦୋଷ ଦେବିନି, ତାଙ୍କୁ ଭଲ ପାଆନ୍ତି। ଇଏ କେମିତି କଥା! ଶାସନ, ପ୍ରଶାସନ ସବୁଥିରେ ମୁଖ୍ୟ ଭୂମିକା ଯାହାଙ୍କର ତାଙ୍କ ଅଜ୍ଞାତସାରରେ କ'ଣ କିଛି ହୋଇପାରିବା ସମ୍ଭବ ବୋଲି ଆମେ କହିପାରିବା କି? ଏଇ କଥାକୁ ପ୍ରସଙ୍ଗ କରାଗଲେ ରାଇଜ କିପରି ଚାଲିଛି, କିଏ ତେବେ ଚଳାଉଛି ତାହା ଜଣାପଡ଼ନ୍ତା। କାରଣ ସଞ୍ଜୟ ଦାସବର୍ମା ହୁଅନ୍ତୁ କି ଦେବାଶିଷ ନାୟକ, ସମସ୍ତେ ଏବେ ସେହି ଅଦୃଶ୍ୟ ଶକ୍ତି କଥା କହୁଛନ୍ତି କିନ୍ତୁ ସତ ଖୋଲିନାହାନ୍ତି। ଦଳରେ ଅଦରକାରୀ ହେବା ପରେ ଏମାନେ ଏଭଳି କହୁଛନ୍ତି କି? ଏଭଳି ଅସଂଖ୍ୟ ପ୍ରଶ୍ନ ଅଛି ନେତାଙ୍କ ପାଇଁ, ଅଛି ମଧ୍ୟ ସରକାରଙ୍କୁ ପ୍ରଶ୍ନ। ହେଲେ ଏହାର ସମାଧାନ କିଏ କରିବ। ଜନତା ହିଁ ଏସବୁ ପ୍ରଶ୍ନ ପଛରେ ରହିଛନ୍ତି। କାରଣ ଭୋଟ ଦେଲାବେଳେ ଆମେ ପ୍ରାର୍ଥୀ ବା ଉତ୍ତମ ଦଳ ବିଚାର ନକରି ଏକପାଖିଆ ଲୋଭରେ ପଡି ଭୋଟ ଦେବାର ଫଳ ଏଇଆ ବୋଲି କହିହେବନି କି! ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିବାର ଅଧିକାର ରହିଥିଲେ ବି ଭୋଟରଙ୍କ ନିରବତା ପ୍ରଶାସନକୁ ଦୁର୍ନୀତି କରିବାକୁ ସୁଯୋଗ ଦେଉଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ। ଦୀର୍ଘବର୍ଷ କ୍ଷମତାରେ ରହିଲେ ଯେକୌଣସି ବ୍ୟକ୍ତି ଅହଙ୍କାରୀ ହେବା ଅସମ୍ଭବ ନୁହେଁ, ଯାହା ବିଜେଡି କ୍ଷେତ୍ରରେ ହୋଇଛି। ଗଣତନ୍ତ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି, ଯାହାକି ଜନତା ହିଁ କରିପାରିବେ। ଜନତା ଇଚ୍ଛା କଲେ ଗୋଟେ ନିର୍ବାଚନରେ ଯେକୌଣସି ସରକାରର ଅହଂକାର ଭାଙ୍ଗିପାରିବେ। କିନ୍ତୁ ଆମ ରାଜ୍ୟରେ ଏହା ସମ୍ଭବପର ହୋଇପାରୁନି କାହିଁକି? ଏହାର ଏକମାତ୍ର କାରଣ ହେଉଛି, ଯେତିକି ପ୍ରତିଶତ ଲୋକ ଭୋଟ ଦେଉଛନ୍ତି,ତାଙ୍କ ମଧ୍ୟରେ ସରକାରୀ ଯୋଜନାକୁ ଉପଭୋଗ କରୁଥିବା ଭୋଟର ଅଧିକ ରହିଛନ୍ତି, ଯେଉଁମାନେ ଏ ସରକାର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଆହାର, ଟଙ୍କିକିଆ ଚାଉଳ, ହରିଶ୍ଚନ୍ଦ୍ର, ମମତା, ଛତା,ଜୋତା ପରି ଅସଂଖ୍ୟ ଯୋଜନାରେ ଲାଭାନ୍ୱିତ ଗୋଷ୍ଠୀ ହିଁ ଏଥିପାଇଁ ଦାୟୀ ବୋଲି କହିହେବ। ହେଲେ ଏତେସବୁ ଯୋଜନା ନାଁରେ ହେଉଥିବା ହରିଲୁଟ କଥା ଏହି ବର୍ଗର ଭୋଟର ଚିନ୍ତା କରିପାରୁନାହାନ୍ତି। ଇଏତଗଲା ଶାସନ ପରିବର୍ତ୍ତନ ସମ୍ପର୍କରେ କିଛି କଥା। ଏବେ ଶାସନ ଭିତରେ କୁଶାସନ ଥିବାକଥା ନିଜ ଦଳ ଭିତରୁ ହିଁ ଉଠିଛି। ସଂଜୟଙ୍କ ପରେ ବିଜେଡିର କୋଣଠେସା ହୋଇ ରହିଥିବା ପୁରୁଖା ନେତା ମଧ୍ୟ ଦଳ ବିରୋଧରେ ସ୍ୱର ଉଠାଇଲେଣି। ସେପଟେ ପଦ୍ମପୁର ଉପନିର୍ବାଚନ ପ୍ରଚାରରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେପିର ମାରାଥନ ପ୍ରଚାର ଆଗରେ ବୋଧେ ବିଜେଡି ଫିକା ପଡୁଥିବାରୁ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥାଇପାରେ। ହେଲେ ବିଜେପିର ଷ୍ଟାର ପ୍ରଚାରକ ତାଲିକାରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସାମିଲ ହେବେ ବୋଲି ଜଣାପଡିବା ପରେ ଅପରାଜିତାଙ୍କ ସମର୍ଥକ ଖୁସି ଜାହିର କରୁଛନ୍ତି। ବର୍ତ୍ତମାନ ରୋଚକ ସ୍ଥିତିରେ ପଦ୍ମପୁର ଉପନିର୍ବାଚନ। କାରଣ ମାଳ ମାଳ ବିଜେଡି ନେତା ମନ୍ତ୍ରୀ ସେଠାରେ ଡେରା ପକାଇଥିଲାବେଳେ ରାଜ୍ୟ ବିଜେପିରେ ଗୋଷ୍ଠୀ କନ୍ଦଳ ଭୁଲି ସବୁ ନେତା ଏକ ହୋଇଯାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସମେତ ବୈଜୟନ୍ତ, ଅପରାଜିତାଙ୍କ ପ୍ରଚାରରେ ଯୋଗଦାନ ନିଶ୍ଚୟ ବିଜେଡି ପାଇଁ ଅଡୁଆ ସୃଷ୍ଟି କରିପାରେ। ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ବା କୁନା ପୁରୋହିତ ମାଟିର ପୁଅ କଥା କହି ଭୋଟରଙ୍କ ମନରେ ବିଶ୍ୱାସ ଜନ୍ମାଉଛନ୍ତି ଓ କହୁଛନ୍ତି ଦୀର୍ଘ ୨୨ ବର୍ଷ ହେଲା ପଦ୍ମପୁର ମାଟିରେ ଏତେ ସଂଖ୍ୟକ ମନ୍ତ୍ରୀ ନେତାଙ୍କୁ ଦେଖିବାକୁ ମିଳିନଥିଲା। ହେଲେ ଉପନିର୍ବାଚନ ହାରିଯିବା ଭୟରେ ବିଜେଡି ଏପରି ରଣନୀତି ଆପଣେଇଛି। କାରଣ ଧାମନଗର ପରାଜୟକୁ ଭୁଲିପାରିନି ବିଜେଡି। ଯେଉଁଥିପାଇଁ ସଂଗଠକ ମାନେ ଚିନ୍ତାରେ ରହିଛନ୍ତି। ଏଥିରେ ପୁଣି ଆୟକର ବିଭାଗ ଓ ବାଣିଜ୍ୟକର ଚଢ଼ାଉ ଉଭୟ ବିଜେପି-ବିଜେଡି ପାଇଁ କି ଲାଭ ଦେବ ତାହା ଆଗକୁ ସମୟ କହିବ। ପଦ୍ମପୁରରେ ହାଇଭୋଲଟେଜ ପ୍ରଚାର କଲେ ବିଜେଡି ଓ ବିଜେପି। କଂଗ୍ରେସ ମଧ୍ୟ ନିଜ ପ୍ରାର୍ଥୀଙ୍କ ପାଇଁ ଏଠାରେ ଜୋରଦାର ପ୍ରଚାର କରିଛି। ତେଣୁ ପାଞ୍ଚ ତାରିଖରେ ମତଦାତା କାହାକୁ ପସନ୍ଦ କରି ଭୋଟ ଦେବେ ତାହା ଆଠ ତାରିଖ ଭୋଟ ଗଣତି ପରେ ଜଣାପଡିବ। ହେଲେ ଦୀର୍ଘବର୍ଷ ହେଲା ଶାସନ କ୍ଷମତାରେ ଥିବା ବିଜେଡି ପାଇଁ ପଦ୍ମପୁର ଉପନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେବା ଆଶ୍ଚର୍ଯ୍ୟ ଲାଗୁଚି। କାରଣ ଗୋଟେ ଉପନିର୍ବାଚନ ପାଇଁ ବିଧାନସଭା ଅଧିବେଶନ ଛାଡି ଯେପରି ବିଜେଡି ବିଧାୟକ ଓ ମନ୍ତ୍ରୀ ସେଠାରେ ଡେରା ପକାଇଥିଲେ ଓ ସେମାନେ କଣ ଭୋଟରଙ୍କ ମନ ଜିଣିପାରିଲେ ନାହିଁ ଯେ ଏଥିପାଇଁ ଦଳ ମୁଖିଆଙ୍କୁ ପ୍ରଚାର ପାଇଁ ଯିବାକୁ ପଡିଲା! ଯଦି ସତରେ ବିକାଶ ହୋଇଥାନ୍ତା ଓ ଏହାକୁ ପଦ୍ମପୁରବାସୀ ଅନୁଭବ କରିଥାନ୍ତେ ତେବେ ଏତେ ବଡ଼ ପ୍ରଚାର ସାମ୍ନା କରିଥାନ୍ତା କି ବିଜେଡି। ଜନତା ନିଜର ଦାବି ମୁତାବକ ବିକାଶ ଦେଖିପାରିଲେ ଏଥିରେ ସରକାରଙ୍କ ପ୍ରତି ଜନସମର୍ଥନ ବଢିବା କଥା। ଅଥଚ ୨୨ ବର୍ଷର ଶାସନ ପରେ ନିଜର ବିଫଳତା ପାଇଁ ଦୋଷ ମୁଣ୍ଡେଇବା ବଦଳରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଦୋଷ ଲଦି ଚାଲିଛନ୍ତି। ପଦ୍ମପୁର ଉପନିର୍ବାଚନର ଫଳାଫଳ ଓଡ଼ିଶାରେ ୨୦୨୪ ନିର୍ବାଚନକୁ ପ୍ରଭାବିତ କରିବା ନେଇ ସ୍ପଷ୍ଟ ସଙ୍କେତ ମିଳୁଛି। ଧାମନଗର ବିଜୟ ପରେ ସ୍ୱାଭାବିକ ଭାବେ ବିଜେପି ନେତା ଓ କର୍ମୀ ଉତ୍ସାହିତ ଅଛନ୍ତି। ସେମାନେ ଜାଣିଛନ୍ତି ଯେ, ବିଜେଡିର ଏହି ୱିକେଟ୍‌କୁ ପକାଇ ପାରିଲେ ବିଜେଡି ଦୋହଲି ଯିବ। ଆଗକୁ ଅନେକ ରାଜେନ୍ଦ୍ର ଦାସ ବାହାରିବେ। ଶାସନ କ୍ଷମତାରୁ ବିଜେଡିକୁ ହଟାଇବା ସମ୍ଭବ ବୋଲି ବିଜେପି ଆକଳନ କରିସାରିଛି। ଏପରି ସୁଯୋଗକୁ ହାତଛଡା କରିବାକୁ ଚାହୁଁନାହିଁ ବିଜେପି। ସେଇଥିପାଇଁ ଆନ୍ତରିକତାର ସହିତ ବିଜେଡି ସହ ଲଢ଼ିବା ପାଇଁ ବିଜେପି ନିଜକୁ ପ୍ରସ୍ତୁତ କରିସାରିଛି। ପଦ୍ମପୁରରେ ବିଜେପି ଜିତୁ କି ନ ଜିତୁ ତାହା ବଡକଥା ନୁହେଁ। ବଡକଥା ହେଉଛି ୨୦୧୯ ପରେ କୌଣସି ଉପନିର୍ବାଚନକୁ ମୁଖ୍ୟମନ୍ତ୍ରୀ ଓହ୍ଲାଇ ନଥିଲା ବେଳେ ପଦ୍ମପୁରରେ ବିଜେପିର ପତିଆରା ଦେଖି ବିଜେଡି ମୁଖିଆ ପ୍ରଚାର ମଇଦାନକୁ ଓହ୍ଲାଇଲେ। ପୂର୍ବରୁ ଯେତେ ନିର୍ବାଚନ ହୋଇଛି ବିଜେଡିର ବିଜୟ ହେବ ବୋଲି ଏଭଳି ଏକ ଧାରା ତିଆରି ହୋଇଥିଲା। କ୍ରମାଗତ ସଫଳତା ମଧ୍ୟ ବିଜେଡିକୁ ଅଧିକ ବଳ ଯୋଗାଉଥିଲା। ଏଥର କିନ୍ତୁ ବିଜେଡି ନେତା ପୂର୍ବଭଳି ଆଉ ବାହାସ୍ଫୋଟ ମାରୁନାହାନ୍ତି। କିଛି ନା କିଛି ଏପରି ଫ୍ୟାକ୍ଟର ରହିଛି ଯାହାକୁ ନେଇ ବିଜେଡି ବ୍ୟାକ୍‌ଫୁଟ୍‌ରେ ରହିବାକୁ ବାଧ୍ୟ ହୋଇପଡିଛି। ପ୍ରାର୍ଥୀ ଚୟନକୁ ନେଇ ବିଜେଡି ଭିତରେ ଫାଟ ରହିଥିବା ଜଳଜଳ ଦେଖାଗଲାଣି। ଖାମଖିଆଲ ନୀତି ଆପଣାଇବା ଯୋଗୁ ହେଉ କି ଶାସକ ଦଳର ଅହଂକାର ପାଇଁ ବର୍ତ୍ତମାନ ଦଳ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅନେକ ଦୃଷ୍ଟିରୁ ଦେଖିଲେ ପଦ୍ମପୁର ଉପନିର୍ବାଚନ ଅତ୍ୟନ୍ତ ବ୍ୟୟବହୁଳ ଏବଂ ଏହା ଏକ ଖରାପ ପରମ୍ପରା ସୃଷ୍ଟି କରୁଛି। ଯଦିଓ ଗତ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ପଦ୍ମପୁର ଗସ୍ତ ଅବସରରେ ତିନୋଟି ସ୍ଥାନରେ ତାଙ୍କ ସଭା ଆୟୋଜନରେ ବିଜେଡିର ସାଙ୍ଗଠନିକ ଦକ୍ଷତା ପ୍ରତିଫଳିତ ହୋଇଛି ତଥାପି ବିଜେଡି ଭିତରେ କେଁ ରହିଥିବା ସବୁଠି ଚର୍ଚ୍ଚା ହେଉଛି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୁର୍ନୀତିଗ୍ରସ୍ତ ଦେଶଦ୍ରୋହୀ




ଗଜାନନ ମିଶ୍ର

ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ କିରାସିନି ବ୍ୟାରେଲ କିଣା ଦୁର୍ନୀତିରେ ପୂର୍ବତନ ବିଡିଓ ଗଣ୍ଡାରାମ ଖମାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ସାଢେ ତିନି ବର୍ଷ ସଶ୍ରମ କାରାଦଣ୍ଡ ଓ ଦୁଇ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ବଲାଙ୍ଗିର ଜିଲ୍ଲାର ତହସିଲ କାର୍ଯ୍ୟାଳୟ ବେଲପଡାର ସେକ୍ସନ ଅଫିସର ଯୁଗଳ କିଶୋର ରାଉତ ପାଂଚ ହଜାର ଟଙ୍କା ନେଇ ଭିଜିଲାନ୍ସ ଜାଲରେ। ଟିକାବାଲି, ଫୁଲବାଣୀର ଲାଇନମେନ କାଳୁଚରଣ ପଲେଇ ବିଦ୍ୟୁତ ସଂଯୋଗ ନିମନ୍ତେ ପାଂଚ ହଜାର ଟଙ୍କା ଲାଂଚ ନେଇ ଧରା ପଡିଲେ। ଝାରସୁଗୁଡାର କୃଷି ବିଭାଗର କନିଷ୍ଠ କିରାଣୀ ଅଜୟ ପାଣ୍ଡେ ଚାଷୀଙ୍କ ବୀମା ଅର୍ଥରୁ କୋଡିଏ ହଜାର ଟଙ୍କା ଲାଂଚ ନେଲାବେଳେ ଭିଜିଲେନ୍ସ ହାତରେ ଧରାପଡିଛନ୍ତି। ସବୁ ସ୍ତରରେ ଏମିତି ଏମିତି ଆହୁରି ଆହୁରି ଅନେକ ଅନେକ ଦୁର୍ନୀତି ସଂକ୍ରାନ୍ତୀୟ ଘଟଣା ଦେଖିବାକୁ, ଶୁଣିବାକୁ ପାଉଛେ ପ୍ରତ୍ୟହ। ଦେହସୁହା ହୋଇଗଲାଣି ଏସବୁ ଯେମିତି ଆମର। ଯେତେ ଜନ ପ୍ରତିକ୍ରିୟା ହେବା କଥା ହେଉ ନାହିଁ। ବରଂ ଲାଗୁଛି, ଦେଇଦିଅ ପେସ୍କାରକୁ ଦୁଇଶହ ତାରିଖ ପେଶି ଶୀଘ୍ର ହୋଇଯିବ। ଆବାସ ଯୋଜନାରେ ଘରଡିହ ଖଣ୍ଡେ ପାଇଁ ଦେଇଦିଅ ରାଜସ୍ୱ ଅଧିକାରୀଙ୍କୁ ଦଶ ହଜାର ପତିତରୁ ଚାରି ଡିସମିଲ ମିଳିଯିବ ତୁରନ୍ତ। ରେସନ କାର୍ଡ ପାଇଁ କିଛି ଦେବାକୁ ହେବ, ବୁଢାବୁଢୀ ପେନସନ ପାଇଁ ନ ଦେଲେ ନ ଚଳେ। ଜନୈକ ତହସିଲ କିରାଣୀ କହିଲେ ଖୋଲାଖୋଲି, କଣ କହୁଛନ୍ତି ଆଜ୍ଞା, ତହସିଲରେ ବ୍ଲକ୍ ରେ ଦୁର୍ନୀତି ନ ହେବ ତ ଆଉ ହେବ କୋଉଠି! ଯାଠୁ ଅଧିକ ପରିମାଣରେ ଦୁର୍ନୀତି ଯାଇ ଦେଖନ୍ତୁ ଶିକ୍ଷା ବିଭାଗରେ, ବିଚାର ବିଭାଗରେ, ଡାକ୍ତରଖାନା ରେ! ମିଛ କହିଲେ କହି ହେଉ ନାହିଁ।

ମୋର ପଦବୀ ଅଛି, ମୁଁ ଶକ୍ତିଶାଳୀ, ଯାହା ଯେମିତି ଚାହିଁବ କରି ପାରିବି। ଲାଂଚ ନେବି, ଉପରକୁ ଭୋଗ ଚଢେଇବି, ଆମୋଦ ପ୍ରମୋଦ କରିବି, କରାଇବି। କେହି କିଛି କରି ପାରିବେ ନାହିଁ। ଆପଣଙ୍କର ଯାହା ଇଚ୍ଛା କରନ୍ତୁ - ଯେ ଥିଲା ଜଣେ ଓଡିଶା ପ୍ରଶାସନିକ ଅଧିକାରୀ ଖୁଲୁନଖୁଲା ଘୋଷଣା। ଦେବାନୀ ଅଦାଲତରେ ଜମିର ଆଖ୍ୟା ଅଧିକାର ସ୍ୱାର୍ଥ ଯାହା ନାମରେ ଘୋଷଣା ହୋଇଥାଉ ଜମି ପଂଜିକୃତ ହେଲା ଅର୍ଥ ଖତିୟାନ ହୋଇଯିବ। ଦୁର୍ନୀତି ବିଭାଗ କେତେ ଲୋକକୁ ଧରିବେ? ଭିଜିଲାନ୍ସ ବିଚାରପତି କେତେଜଣଙ୍କୁ ଦଣ୍ଡ ଦେବେ? ଦୁର୍ନୀତି ଏକ ମହାମାରୀ ହୋଇ ଉଭା ହୋଇଛି ଆମ ଆଗରେ ଏତେବେଳେ, କୋରି କୋରି ଖାଉଛି ଆମ ଭିତରୁ ଭିତର। କୁଳ କୁଟୁମ୍ବ ଭାସି ଯାଉଛି। ସବୁ ସଦ୍ ଜ୍ଞାନ, ଆଇନ କାନୁନ, ଲୋକପାଳ/ ଲୋକଯୁକ୍ତ, ଭିଜିଲେନ୍ସ କମିସନ, ଅର୍ଥନୈତିକ, କଳାଟଙ୍କା ଆଇନ କାନୁନ, ଅଦାଲତର ରାୟ ଆଦେଶାଦି ସବୁ ନିଜ ନିଜ ଜାଗାରେ ବେଶ୍ ଶୋଭା ପାଉଛନ୍ତି। ଲାଗୁଛି ଯେମିତି କିଛି କାମକୁ ନାହିଁ। ଦୁର୍ନୀତିର କାୟା ବଢି ବଢି ଚାଲିଛି ଦିନୁଦିନ। ଦୁର୍ନୀତିଗ୍ରସ୍ତ ଅମଲା ଅଫିସରଗଣ ସାଧାରଣ ଲୋକଙ୍କୁ ଡରାଇ ଧମକାଇ ରଖୁଛନ୍ତି ଓ ନିଜ ନିଜ ସ୍ୱାର୍ଥକୁ ସିଦ୍ଧି କରୁଛନ୍ତି। ସମଗ୍ର ମାନବ ଜାତି ପାଇଁ ଦୁର୍ନୀତି ମାରାତ୍ମକ ହୋଇ ପଡିଛି। ସର୍ବତ୍ର ବିଦେଶୀ ଭାଷାର ବ୍ୟବହାର ଯୋଗୁଁ ସାଧାରଣ ଲୋକେ କିଛି ଜାଣି ପାରୁ ନାହାନ୍ତି। ଏମିତି ହେଉ ହେଉ ଦୁର୍ନୀତିରେ ଆମ ଦେଶର ନମ୍ବର ପଂଚାଅଶୀ ହୋଇସାରିଛି। ସୁଇଜରଲାଣ୍ଡର ସାଧୁତା ଆମ ପାଇଁ ମୂଲ୍ୟ ହୀନ। ସିରିଆ, ସୋମାଲିଆ ପରି ପୂରା ବୁଡି ଯିବା ନି ତ ଦୁର୍ନୀତି ଭିତରେ! ଅମୃତ ମହୋତ୍ସବ ପାଳନ କରୁଛେ, ନୂଆ ଭାରତର ସ୍ୱପ୍ନ ଦେଖୁଛେ ଯଦିଓ! ନିରପେକ୍ଷ ଭାବରେ ସତ କଥାଟିଏ କହି ପାରୁ ନେ, ସାହସ ହେଉ ନି। ଯଦିଓ ଆମର ଭାରତୀୟ ସମ୍ବିଧାନ ଆମକୁ ସବୁ ଅଧିକାର ଦେଇଛି। ଆମେ ହନ୍ତସନ୍ତ ନୂଆ ନୂଆ ରୂପର ଚୋରୀ, ଡକାୟତି, ମରାମରିରେ। ଏମିତି ସମୟ ଆସିଛି ଯୋଉ ସମୟରେ ପତ୍ନୀ ଖେଳୁଛି ଦୁର୍ନୀତିର ଛପାଛପି ଖେଳ ପତି ସହିତ, ଭାଇ ଖେଳୁଛି ଭାଇ ସହିତ, ବନ୍ଧୁଙ୍କ ଧୋକା ଓ ବିଶ୍ୱାସଘାତରେ ଦିନେ ଜିଇଁଲେ ଦିନେ ମରୁଛୁଁ ଆମେ। କଣ ହେଲାଣି ଆମର ମାଟି, ଆମ ମାଟିର ଶିକ୍ଷା, ସଂସ୍କାର, ପରଂପରା ସବୁ! ବିଦେଶୀ ଶିକ୍ଷାର ପ୍ରଭାବ ନୁହେଁ ତ! ଏ ପରିସ୍ଥିତିରୁ ପାଇବା ନି ମୁକ୍ତି! ଘୋଷଣା କରି ପାରିବା ନି ଦୁର୍ନୀତିଗ୍ରସ୍ତଙ୍କୁ ଦେଶଦ୍ରୋହୀ , ରାଷ୍ଟ୍ରଦ୍ରୋହୀ ? ସମଗ୍ର ଦେଶକୁ ଦେଖିଲାବେଳକୁ ଲାଗୁଛି ମୁଣ୍ଡଟେକି ଚାଲିବାକୁ ହେଲେ କଠୋର ପଦକ୍ଷେପ ନେବାକୁ ହେବ ଯେମିତି ହେଉ ମାନବିକତାର ଦ୍ୱାହୀରେ। ଜୟ ହିନ୍ଦ୍।

ତପୋବନ, ଟିଟିଲାଗଡ, ବଲାଙ୍ଗୀର

# ନୂତନ ଓଡିଶାର ଅଗ୍ରଦୂତ ଥିଲେ ଡକ୍ଟର ହରେକୃଷ୍ଣ ମହତାବ



ଅସିତ ମହାନ୍ତି

ସମସାମୟିକ ଯୁଗର ଉଚ୍ଚକୋଟୀର ବ୍ୟକ୍ତିତ୍ୱ ପରି ବହୁମୁଖୀ ପ୍ରତିଭା , ଆଧୁନିକ ଉତ୍କଳର ସ୍ଥପତି ତଥା ଓଡିଶାର ଏକ ନୂତନ ପ୍ରଭାତର ଅଗ୍ରଦୂତ ଉତ୍କଳ କେଶରୀ ହରେକୃଷ୍ଣ ମହତାବ (ନଭେମ୍ବର ୨୧, ୧୮୯୯, ବାଲେଶ୍ୱର, ଓଡ଼ିଶା - ଜାନୁୟାରୀ ୨, ୧୯୮୭) ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ। ଓଡିଆ ସାହିତ୍ୟ ଓ ସଂସ୍କୃତିର ବିକାଶରେ ତାଙ୍କର ଅବଦାନ ପାଇଁ ଓଡିଶା ରାଜନୀତିରେ ଡକ୍ଟର ମହତାବଙ୍କ ନାମ ସବୁଦିନ ପାଇଁ ସୁବର୍ଣ୍ଣ ଅକ୍ଷରରେ ଲେଖାଯିବ।ସେ କେବଳ ଜଣେ ରାଜନେତା ନଥିଲେ ବରଂ ସେ ଜଣେ ଉଚ୍ଚକୋଟୀର ଲେଖକ ମଧ୍ୟ ଥିଲେ। ତାଙ୍କର ରାଜନୀତିରେ ଯେତିକି ଜ୍ଞାନ ଥିଲା ତାଠାରୁ ଅଧିକ ସାହିତ୍ୟ ସଂସ୍କୃତି ପ୍ରତି ଥିଲା ଅନାବିଳ ପ୍ରେମ। ତାଙ୍କର କୃତି ଗୁଡିକ ମଧ୍ୟରେ ରହିଛି ସମାଜର ପ୍ରତିଛବି ଯାହା ତାଙ୍କର ଦେଶ ଏବଂ ନିଜର ମାତୃଭୂମି ପ୍ରତି ଅନାବିଳ ସ୍ନେହକୁ ଦର୍ଶାଏ। ସେ ସାହିତ୍ୟକୁ ରାଜନୀତିକୁ ଅଲଗା କରି ଦେଖିନାହାନ୍ତି। ସେ ହୃଦୟଙ୍ଗମ କରିଥିଲେ ଯେ ଏକ ଉନ୍ନତ ସାହିତ୍ୟ ରାଜନୀତିର ଧାରାକୁ ବଦଳାଇ ପାରେ। ସେଇଥିପାଇଁ ଇତିହାସରେ ଅନେକ ରାଜନୀତିଜ୍ଞ ସାହିତ୍ୟର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ଲେଖନରେ ଉପନ୍ୟାସ ଠାରୁ ଆରମ୍ଭ କରି ଗଳ୍ପ, କବିତା ଏବଂ ଶିଶୁ ସାହିତ୍ୟ ପର୍ଯ୍ୟନ୍ତ ଅନେକ ଅମୁଲ୍ୟ ପୁସ୍ତକ ସେ ରଚନା କରିଥିଲେ। ଉପନ୍ୟାସରେ - ସେ ନୂତନ ଧର୍ମ, ଟାଉଟର, ଅବ୍ୟାପାର, ପ୍ରତୀଭା - ୧୯୪୬ ଏବଂ ତୃତୀୟ ପର୍ବ ରଚନା କରିଥିଲେ। କବିତା ସଂକଳନ - ଚାରି ଚକ୍ଷୁ , ପଲାସୀ ଅବସାନ, ଶେଷ ଲୁହ, ନନ୍ଦିକା, ଲଳିତା, ରାଜାରାଣୀ, ଛାୟାପଥର ଯାତ୍ରୀ ଆତ୍ମଦାନ, ପରିବର୍ତ୍ତନ, ଇତିହାସର ପରିହାସ, ଉପଦେଶ, ପ୍ରବଚନ, ଗୁପ୍ତ ପ୍ରଣୟ, ଅନ୍ଧ ଯୁଗ, ଓଡିଶା ଇତିହାସ (୩ ଖଣ୍ଡ), ସାହିତ୍ୟ ସମାଲୋଚନା, ଗାନ୍ଧୀ ଧର୍ମ, ଅହିଂସାର ଉପଯୋଗ, ଭାରତୀୟ ପରମ୍ପରା, ନେତା ଓ ଜନତା ,ଦଶ ବର୍ଷର ଓଡ଼ିଶା, ଗାନ୍ଧିଜୀ ଓ ଓଡ଼ିଶା, ଆରବ ସାଗରରୁ ଚିଲିକା। ଗାଁ ମଜଲିଶ (୪ ଖଣ୍ଡ) ଏବଂ ଆଧୁନିକତା। ଆଜି ଏପରି ଜଣେ ବ୍ୟକ୍ତିତ୍ୱ ଉତ୍କଳ କେଶରୀ ଡାକ୍ତର ହରେକୃଷ୍ଣ ମହତାବଙ୍କର ୧୨୩ ତମ ଜନ୍ମଦିବସ। ତାଙ୍କ ଜୀବନ ଯାତ୍ରା ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ପ୍ରଭାବଶାଳୀ ଭୂମିକା ବିଷୟରେ ବର୍ତ୍ତମାନର ନୂତନ ପିଢ଼ି ଅବଗତ ହେବା ଆବଶ୍ୟକ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମ ସେତେବେଳେ ମନକୁ ଆସେ, ଯେତେବେଳେ ଭାରତୀୟ ରାଜଧାନୀ ସହିତ ପ୍ରିନ୍ସଲି ଷ୍ଟେଟର ମିଶ୍ରଣ ବିଷୟରେ ଆଲୋଚନା ହୁଏ। ଏବଂ ଯେତେବେଳେ ସେ ପ୍ରକୃତରେ ସେହି ଏକୀକରଣ ପ୍ରକ୍ରିୟାର ମୁଖ୍ୟ ସ୍ଥାପନକାର ଅଟନ୍ତି, ଏହା ଅନ୍ୟ ଜଣେ ବ୍ୟକ୍ତି ଯିଏ ଏହାକୁ ଆରମ୍ଭ କରିଥିଲେ ଏବଂ ସେ ହେଉଛନ୍ତି ହରେକୃଷ୍ଣ ମହତାବ। ସ୍ୱାଧୀନ ଭାରତରେ ହରେକୃଷ୍ଣ ମହାତ୍ମା ଓଡ଼ିଶାର ପ୍ରଥମ ତତ୍କାଳୀନ ମୁଖ୍ୟ ମନ୍ତ୍ରୀ ଥିଲେ। ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି)ର ଜଣେ ପ୍ରମୁଖ ନେତା, ସେ ମଧ୍ୟ ଭାରତର ପ୍ରଥମ ସମ୍ବିଧାନ ସଭାର ୨୯୯ ସଦସ୍ୟଙ୍କ ମଧ୍ୟରୁ ଜଣେ ଥିଲେ। ୨୧ ନଭେମ୍ବର, ୧୮୯୯ରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଆଗରପଡା ଗ୍ରାମରେ ଜନ୍ମଗ୍ରହଣ କରିଥିବା ହରେକୃଷ୍ଣ ମହତାବ, ମହତାବ ଉପନାମ ତାଙ୍କ ଅଜାଙ୍କ ଦ୍ୱାରା ଦିଆଯାଇଥିଲା। ସ୍ନାତକୋତ୍ତର ପାଇଁ କଟକର ରେଭେନ୍ସା କଲେଜରେ ନାମ ଲେଖାଇବା ପରେ, ଯୁବକ ମହତାବ ଅଧ୍ୟୟନ ଛାଡି ଭାରତୀୟ ଜାତୀୟ କଂଗ୍ରେସ ଆାଇଏନ୍‌ସିରେ ଯୋଗ ଦେଇଥିଲେ। ଆଇଏନ୍‌ସିର ୧୯୨୦ କଲିକତା ଏବଂ ନାଗପୁର ଅଧିବେଶନରେ ପର୍ଯ୍ୟବେକ୍ଷକ ଭାବରେ ତାଙ୍କର ଉପସ୍ଥିତି ତାଙ୍କ ମନରେ ଏକ ଗଭୀର ଛାପ ଛାଡିଥିଲା ଏବଂ ପାର୍ଟୀରେ ଯୋଗଦେବା ପଛରେ ନିର୍ଣ୍ଣୟକାରୀ ଥିଲା। ଆଇଏନ୍‌ସିରେ ତାଙ୍କର ଆରମ୍ଭ ଦିନରେ, ମହତାବ ବାଲାସୋର ଜିଲ୍ଲା କଂଗ୍ରେସ କମିଟିର ସଚିବ ଭାବରେ କାର୍ଯ୍ୟ କରିଥିଲେ ଏବଂ ଅସହଯୋଗ ଆନ୍ଦୋଳନ ସମୟରେ ବିଦେଶୀ ପୋଷାକର ବର୍ଜନ ବିଭିନ୍ନ ବୈଠକ ଆୟୋଜନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୩୦ ମସିହାରେ, ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଓଡ଼ିଶାରେ ଲୁଣ ସତ୍ୟାଗ୍ରହର ସଫଳତା ପାଇଁ ସେ ଏକ ପ୍ରମୁଖ ଶକ୍ତି ଥିଲେ। ଯେତେବେଳେ ଓଡ଼ିଶା କଂଗ୍ରେସ ନେତୃତ୍ୱ ଏହି ଆନ୍ଦୋଳନର ସମ୍ଭାବ୍ୟତାକୁ ନେଇ ପରୀକ୍ଷାମୂଳକ ଦେଖାଗଲା, ସେତେବେଳେ ସେ ଅନ୍ୟ ଜଣେ ନେତା ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ସହ ସମସ୍ତଙ୍କୁ ଏହା ବିଷୟରେ ବିଶ୍ୱାସ କରାଇଥିଲେ। ଭାରତ ଛାଡ ଆନ୍ଦୋଳନ ସମୟରେ ଜବାହରଲାଲ ନେହେରୁ ଏବଂ ଅବୁଲ କଲାମ ଆଜାଦଙ୍କ ପରି କଂଗ୍ରେସର ବରିଷ୍ଠ ନେତାଙ୍କ ସହ ମହତାବଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସେ ଅହମ୍ମଦନଗର ଦୁର୍ଗ ଜେଲରେ ଅଢେଇ ବର୍ଷ କାରାଗାରରେ ରହିଥିଲେ ଏବଂ ମେ ୧୯୪୫ ରେ ମୁକ୍ତ ହୋଇଥିଲେ। ଜଣେ ପ୍ରବୀଣ ଲେଖକ ଭାବରେ ସେ, ନାଟକ ସ୍ୱରାଜ୍ୟ ସାଧନା ଏବଂ ଓଡ଼ିଶାର ଐତିହାସିକ ଆକାଉଣ୍ଟ୍ ଭଳି ବିଭିନ୍ନ କାରାଗାରରେ ବନ୍ଦୀ ଥିଲାବେଳେ ଏକାଧିକ କାର୍ଯ୍ୟ ଲେଖିଥିଲେ। ସେ ଓଡିଆ ଦୈନିକ ପ୍ରଜାତନ୍ତ୍ର ମଧ୍ୟ ସ୍ଥାପନ କରିଥିଲେ, ଯାହା ଆଜି ବି ପ୍ରଚାରରେ ରହିଛି। ଜାତୀୟତାବାଦୀ କାର୍ଯ୍ୟ ପାଇଁ ସମର୍ଥନ ସଂଗ୍ରହ କରିବା ପାଇଁ ଦୈନିକ ପ୍ରଜାତନ୍ତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ହୋଇଗଲା। ସେ ଗାନ୍ଧୀଙ୍କ ଚିନ୍ତାଧାରା ବିସ୍ତାର କରିବା ଲକ୍ଷ୍ୟରେ ଗାନ୍ଧୀଙ୍କ ସାପ୍ତାହିକ ହରିଜନ ଉପରେ ମଡେଲ ହୋଇଥିବା ଏକ ସାପ୍ତାହିକ ପତ୍ରିକା ଆରମ୍ଭ କରିଥିଲେ। ୧୯୪୬ ମସିହାରେ ପ୍ରାଦେଶିକ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବା ପରେ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିଲେ, ଯାହାକି ସେ ୧୯୫୦ ପର୍ଯ୍ୟନ୍ତ ରହିଥିଲେ। ବୋଧହୁଏ ଏହି ସମୟ ମଧ୍ୟରେ ସେ ଉଭୟ ଓଡ଼ିଶା ଏବଂ ଭାରତ ରାଜ୍ୟରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ୨୬ଟି ଓଡିଆ ଭାଷାଭାଷୀ ରାଜ୍ୟକୁ ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ କରିବାକୁ ମହତାବ ଚାହୁଁଥିଲେ। ୨୩ ଏପ୍ରିଲ, ୧୯୪୬ ରେ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ଓଡ଼ିଶା ରାଜ୍ୟର ସମସ୍ତ ଶାସକଙ୍କୁ ଦୁଇଟି ସର୍କୁଲାର ଜାରି କରିଥିଲେ ଏବଂ ମିଶ୍ରଣ ପାଇଁ ସେମାନଙ୍କ ସହଯୋଗ ଲୋଡିଥିଲେ। ୧୬ ଅକ୍ଟୋବର, ୧୯୪୬ ରେ ଶାସକମାନଙ୍କ ସହ ଏକ ବୈଠକରେ ସେ ଘୋଷଣା କରିଥିଲେ ଯେ, "ଓଡ଼ିଶା ରାଜ୍ୟ ସହିତ ଏହାର ଭୌଗୋଳିକ, ଭାଷା ଏବଂ ଜାତିଗତ ସମ୍ବନ୍ଧକୁ ବିଚାରକୁ ନେଇ ଉଭୟ ରାଜ୍ୟ ତଥା ରାଜ୍ୟ ପାଇଁ ଗୋଟିଏ ପ୍ରଶାସନ ରହିବା ଆବଶ୍ୟକ। ପ୍ରଦେଶ; ନଚେତ୍ ଉଭୟ ପ୍ରଦେଶ ଏବଂ ରାଜ୍ୟଗୁଡ଼ିକର କୌଣସି ଦକ୍ଷ ଯୋଜନା ହୋଇପାରିବ ନାହିଁ ଯେଉଁଥିରେ ଭାରତର ଅନ୍ୟ ରାଜ୍ୟ ତୁଳନାରେ ପ୍ରତ୍ୟେକ ଅଂଶ ଦୁର୍ବଳ ହେବ।" ତେବେ ଓଡ଼ିଶା ରାଜ୍ୟର ଶାସକମାନେ ଏହି ଧାରଣାକୁ ପ୍ରତ୍ୟାଖ୍ୟାନ କରି ପାଟନାଙ୍କ ନେତୃତ୍ୱରେ ମହାରାଜାଙ୍କ ଅଧୀନରେ 'ଇଷ୍ଟର୍ଣ୍ଣ ଷ୍ଟେଟ୍ ଫେଡେରେସନ୍' ଗଠନ କରିଥିଲେ। ମହତାବ କିଛି ସମୟ ପାଇଁ ସାମ୍ବିଧାନିକ ବିକଳ୍ପ ଅନୁସନ୍ଧାନ ଜାରି ରଖିଥିବାବେଳେ ନୀଳଗିରିରେ ଓଡ଼ିଶା ପ୍ରଦେଶରେ ଯୋଗଦାନ ଦାବିରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ମହାରାଜା ବଳ ସହିତ ଜବାବ ଦେଇଥିଲେ। ମହତାବ ଶେଷରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟବର୍ତ୍ତୀକାଳୀନ ଭାରତ ସରକାରଙ୍କୁ ଚାପ ପକାଇଲେ। ଯଦିଓ ସରକାର ନୀଳଗିରିର ପ୍ରଶାସନ ଦାୟିତ୍ୱ ନେବାକୁ ଓଡ଼ିଶା ସରକାରଙ୍କୁ ଅନୁମତି ଦେଇଥିଲେ, ତଥାପି ପଟେଲ ମହାତ୍ମାଙ୍କୁ ଚେତାବନୀ ଦେଇଥିଲେ ଯେ ଅପରେସନର ବିଫଳତା ତାଙ୍କ ଉପରେ ରହିବ। ୧୪ ନଭେମ୍ବର, ୧୯୪୭ ରେ, କୌଣସି ରକ୍ତପାତ ବିନା ନିଆଯିବା କାର୍ଯ୍ୟ ସମାପ୍ତ ହୋଇଥିଲା। ଏହିଠାରେ ବାସ୍ତବରେ ମହତାବଙ୍କ ଦୁରଦୃଷ୍ଟି, ଆତ୍ମବିଶ୍ୱାସ ଏବଂ ନିର୍ଣ୍ଣୟ ନେବାର ବଳିଷ୍ଠ ଭୂମିକାର ଉଦାହରଣ ଦେଖିବାକୁ ମିଳେ। ଏହି ଭୂମିକା ତାଙ୍କୁ କେବଳ ଓଡିଶା ନୁହେଁ ବରଂ ପୁରା ଭାରତ ବର୍ଷରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ନେତାଭାବେ ସମ୍ମାନ ଦେଇଥିଲେ ଯାହା ଆଜିପର୍ଯ୍ୟନ୍ତ ରହିଛି .ଏହା ପରେ ମହତାବ ଆହୁରି ଅଧିକ ଜୋରଦାର ମିଶ୍ରଣର ପ୍ରକ୍ରିୟାକୁ ହାତକୁ ନେଇଥିଲେ। ସରକାରୀ କର୍ମଚାରୀ ଭି ପି ମେନନ, ଏକୀକରଣ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ମିଳିତ ନିୟନ୍ତ୍ରଣର ଏକ ବ୍ୟବସ୍ଥା ଚାହୁଁଥିଲେ ଯାହା ରାଜକୁମାରମାନଙ୍କୁ କିଛି ପ୍ରଶାସନିକ ନିୟନ୍ତ୍ରଣ ବଜାୟ ରଖିବାକୁ ଅନୁମତି ଦେଇଥାନ୍ତା, କିନ୍ତୁ ମହତାବ ଏପରି କୌଣସି ପ୍ରସ୍ତାବକୁ ବିରୋଧ କରିଥିଲେ। ସେ ପଟେଲଙ୍କୁ କଟକକୁ ଆସି ରାଜକୁମାରଙ୍କୁ ଭେଟିବାକୁ ପ୍ରବର୍ତ୍ତାଇଥିଲେ। ପଟେଲ ଏଥିରେ ରାଜି ହୋଇଥିଲେ ଏବଂ ସଭାରେ ରାଜକୁମାରଙ୍କୁ କହିଥିଲେ, "ଯଦି ଆପଣ ଆମର ପ୍ରସ୍ତାବ ଗ୍ରହଣ କରନ୍ତି ନାହିଁ ତେବେ ମୁଁ ଆପଣଙ୍କ ରାଜ୍ୟରେ ଆଇନ ଶୃଙ୍ଖଳା ଦାୟିତ୍ୱ ଗ୍ରହଣ କରିବି ନାହିଁ। ତୁମେ ନିଜେ ଏହାର ଯତ୍ନ ନିଅ।" ଯେହେତୁ ବିଭିନ୍ନ ସ୍ଥାନୀୟ ଗୋଷ୍ଠୀର ନେତାମାନେ ଏହି ଶାସକମାନଙ୍କୁ ହଟାଇବାକୁ ପ୍ରାୟ ପ୍ରସ୍ତୁତ ଥିଲେ, ତେଣୁ ସେମାନେ ଏହି ପ୍ରସ୍ତାବକୁ ଗ୍ରହଣ କଲେ। ଏହା ଭାରତର ଅନ୍ୟ ଅଞ୍ଚଳରେ ରାଜକୁମାର ରାଜ୍ୟଗୁଡ଼ିକର ଏକୀକରଣ ପ୍ରକ୍ରିୟା ଆରମ୍ଭ କଲା। ଅର୍ଥାତ ଏହା ଏକ ସକାରାତ୍ମକ ଏବଂ ମହତ୍ୱପୂର୍ଣ୍ଣ ପ୍ରକ୍ରିୟା ମହତାବଙ୍କ ଦ୍ୱାର କରାଯାଇଥିଲା ଯାହା ରାଜସାହିର ଅନ୍ତ କରି ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ରାସ୍ତା ଖୋଲିଦେଇଥିଲା .କୁହାଯାଇପାରେ ଯେ ଏହି କ୍ଷେତ୍ରରେ ତାଙ୍କ ଯୋଗଦାନ ଅତୁଳନୀୟ ଥିଲା। ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନିମନ୍ତ୍ରଣରେ ମହତାବ ୧୯୫୦ ମସିହା ମେ ମାସରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବରେ କେନ୍ଦ୍ର ସରକାରରେ ଯୋଗ ଦେଇଥିଲେ। ମନ୍ତ୍ରୀ ଭାବରେ ସେ ବିଜୁ ପଟ୍ଟନାୟକର କଳିଙ୍ଗ ଟ୍ୟୁବ୍ କାରଖାନା ଭଳି ବିଭିନ୍ନ ଶିଳ୍ପ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଅର୍ଥନୈତିକ ଦୃଷ୍ଟିକୋଣ ଗାନ୍ଧୀଙ୍କ ଦ୍ୱାରା ବହୁତ ପ୍ରଭାବିତ ହୋଇଥିଲା। ସେ ବିଶ୍ୱାସ କରିଥିଲେ ଯେ ଭାରତ ପରି ଦେଶକୁ ଆତ୍ମନିର୍ଭରଶୀଳ, ଅର୍ଥନୈତିକ ୟୁନିଟରେ ବିଭକ୍ତ କରାଯିବା ଆବଶ୍ୟକ ଯେଉଁଠାରେ ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ହେବ। ଏଥିରୁ ପ୍ରତୀତ ହୁଏ ଯେ ମହତାବ ଓଡିଶାକୁ ଅର୍ଥନୀତି କ୍ଷେତ୍ରରେ ଆତ୍ମନିର୍ଭର କରିବାପାଇଁ ଏକ ମହତ୍ୱପୂର୍ଣ୍ଣ ଭୂମିକା ପାଳନ କରିଛନ୍ତି। ହରେ କୃଷ୍ଣ ମହତାବ ଓଡ଼ିଶାରେ ଦୁଇଟି ମହତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ଭୁବନେଶ୍ୱରକୁ ଓଡ଼ିଶାର ନୂତନ ରାଜଧାନୀ ତିଆରି କରି ସମ୍ବଲପୁରରେ 'ହିରାକୁଣ୍ଡ ଡ୍ୟାମ ପ୍ରକଳ୍ପ' ଆରମ୍ଭ କରିଥିଲେ। ପଟେଲଙ୍କ ମୃତ୍ୟୁ ପରେ ନେହେରୁ ଏବଂ ମହତାବଙ୍କ ମଧ୍ୟରେ ବୈଦେଶିକ ସହାୟତା ଏବଂ ଶାସକଙ୍କ ପ୍ରିଭି ପର୍ସ ରଦ୍ଦ ହେତୁ ପାର୍ଥକ୍ୟ ଦେଖାଦେଇଥିଲା ଏବଂ ତାଙ୍କୁ ପରବର୍ତ୍ତୀ କ୍ୟାବିନେଟରୁ ହଟାଇ ଦିଆଯାଇଥିଲା। ମହତାବ ଆମେରିକୀୟ ସହାୟତାର ଉତ୍ସାହୀ ସମର୍ଥକ ନଥିଲେ ଏବଂ ଏହାର ବ୍ୟବହାର ଶିଳ୍ପ ପରି ପୁଞ୍ଜି ପ୍ରକଳ୍ପରେ ସୀମିତ ରହିବାକୁ ଚାହୁଁଥିଲେ। ସେ ଚାହୁଁ ନଥିଲେ ଯେ କମ୍ୟୁନିଟି ପ୍ରକଳ୍ପ ପାଇଁ କୌଣସି ସହାୟତା ବ୍ୟବହାର କରାଯାଉ କାରଣ ସେ ବିଶ୍ୱାସ କରୁଥିଲେ ଯେ ଏହା ଭାରତର ହିନଟେରଲ୍ୟାଣ୍ଡରେ ଆମେରିକୀୟ ଏବଂ ସୋଭିଏତ୍ ମଧ୍ୟରେ ଏକ ପ୍ରଚାର ଯୁଦ୍ଧ ଆରମ୍ଭ କରିବ। ଏଥିସହ ମହତାବ ଚାହୁଁଥିଲେ ଯେ ଶାସକମାନଙ୍କ ପ୍ରିଭି ପର୍ସ ସ୍କ୍ରାପ୍ ହୋଇଥିବାବେଳେ ନେହେରୁ ଅନୁଭବ କରିଛନ୍ତି ଯେ ସରକାର ତାଙ୍କ ପ୍ରତିଶ୍ରୁତିରୁ ଏତେ ସହଜରେ ପରିତ୍ୟାଗ କରିପାରିବେ ନାହିଁ। ଏଥିରୁ ସ୍ପଷ୍ଟ ଯେ ମହତାବ ତାଙ୍କର ବୁଝାମଣା ଅନୁଯାୟୀ ଯାହା ଠିକ ବୋଲି ଭାବୁଥିଲେ ସେଥିରେ ସେ କଦାପି ଆପୋଷ କରୁନଥିଲେ . ଏହା ନିଶ୍ଚିତ ଭାବେ ତାଙ୍କର ବଳିଷ୍ଠ ଚରିତ୍ରର ଏକ ଦିଗ। ମନ୍ତ୍ରିମଣ୍ଡଳରୁ ବିଦାୟ ନେବା ପରେ ମଧ୍ୟ ମହତାବ ରାଜନୀତି ଓ ଶାସନରେ ସକ୍ରିୟ ରହିଥିଲେ। ସେ ୧୯୫୫-୫୬ ମସିହାରେ ବମ୍ବେର ରାଜ୍ୟପାଳ, ୧୯୫୬ ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ୧୯୬୨ ମସିହାରେ ଲୋକସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ। ଶେଷରେ ସେ ୧୯୬୭ ମସିହାରେ ସକ୍ରିୟ ରାଜନୀତିରୁ ଅବସର ନେଇଥିଲେ ଏବଂ ୨ ଜାନୁୟାରୀ ୧୯୮୭ ରେ ମୃତ୍ୟୁ ବରଣ କରିଥିଲେ। ବର୍ତ୍ତମାନ ସମୟରେ ରାଜନୀତିରେ ସମ୍ପୃକ୍ତ ଥିବା ସମସ୍ତ ନେତା, ସେମାନେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ଡାକ୍ତର ହରେକୃଷ୍ଣ ମହତାବଙ୍କ ରାଜନୈତିକ ଜୀବନରୁ ଯଦି ଶିକ୍ଷା ନିଅନ୍ତି ଏବଂ ସେସବୁକୁ କାର୍ଯ୍ୟରେ ଲଗାନ୍ତି, ତେବେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଯଦି ଏହା କରିପାରିଲେ ତେବେ ତାଙ୍କ ପ୍ରତି ଆମେ ଆମର ପ୍ରକୃତ ଶ୍ରଦ୍ଧା ଜ୍ଞାପନ ହେବ।

*ସୁଜନପୁର , ଯାଜପୁର*

*ଦୂରଭାଷ : ୯୩୪୮୭୬୮୮୧୨*

## ଧାରାବାହିକ ଉପନ୍ୟାସ

## ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୬




*(ପୂର୍ବପ୍ରକାଶ ଉତ୍ତାରୁ)*

ସାନବାବୁଙ୍କ ପାଦ ସେଥିପାଇଁ ଖସିଗଲା ବୋଧହୁଏ।

ଆଜିକାଲି ଲୀନା ଉପରେ ଯାବତୀୟ କାମର ବୋଝ। ସେଥିପାଇଁ ସାନବାବୁଂକୁ ଫୁଲ ଦେଇ ହୁଏନା। ହୁଏତ ଲୀନା ଜାଣିଜାଣି ମଠେଇଦିଏ ବିଭିନ୍ନ କାମ ବାହାନାରେ। ଏ ଫୁଲ ଦେବାଦେଖି ସାନମାଲିକାଣୀ କାଳେ କଣ ଭାବିବେ, ସେଥିପାଇଁ ସେ ଠିକ୍ ନିର୍ଦ୍ଧାରିତ ସମୟରେ କୋଉଠି ବା କୋଉଠି ରହିଯାଏ। ସାନବାବୁ ଯିବା ପରେ ସେ ଆସେ ଘରକୁ।

ସେଦିନ କିନ୍ତୁ ସାନ ମାଲିକାଣୀ କହୁଥିଲେ- ତୁ ପରା ସବୁଦିନ ସଜଗୋଲାପ ସାନମାଲିକଙ୍କୁ ଦେଉ। ଏବେ କାହିଁକି ଦେଉନୁ? ଲୀନା ଥତମତ ହେଲା, କି ଉତ୍ତର ଦେବ ସେ। ଯାହା କହିବ, ସେସବୁ କଣ ସେ ବୁଝିପାରିବେ? ଆଜିକାଲି ସାନବାବୁ ଅଲଗା ଦିଶନ୍ତି ତା ଆଖିକୁ। ଲାଗେ ସେ ଏବେ ମନଖୋଲି ଜୀଉଁଛନ୍ତି ତାଙ୍କସ୍ୱପ୍ନର ବିଭୋରପଣରେ। ଶୀଘ୍ରଶୀଘ୍ର ଚାଲି ଆସୁଛନ୍ତି ଅଫିସରୁ ଓ ଆସିବା ମାତ୍ରକେ ସାନମାଲିକାଣୀଙ୍କ ସହିତ ଖୁସିଗପରେ ମାତିଯାଉଛନ୍ତି। ଲୀନାକୁ କେତେବେଳେ କଫି କିମ୍ବା ପିଆଜ ପକୋଡାର ବରାଦ କରୁଛନ୍ତି ମୁକ୍ତ କଣ୍ଠରେ। ପୁଣି କେତେବେଳେ କମଳାଜୁସ୍ କିମ୍ବା ଆଳୁପରଟା ବନାଇବାକୁ କହୁଛନ୍ତି।

ହାଲ୍କା ସନ୍ଧ୍ୟାବେଳେ ସାନବାବୁ କେବେକେବେ ସାନମାଲିକାଣୀଙ୍କୁ ନେଇ ବଜାର ନହେଲେ ସିନେମା ଯାଉଛନ୍ତି ତ ଆଉ କେବେ କେବେ କ୍ଲବ୍ ନହେଲେ ସାଙ୍ଗସାଥୀମାନଙ୍କ ଘରକୁ। ଖୁବ୍ ମନଖୋଲି ଜୀବନ ଜୀଉଁଛନ୍ତି ଆଜିକାଲି। ନିଜ ନୂଆ ଜୀବନକୁ ନେଇ ସେ ଆଜିକାଲି ଖୁବ୍ ସୁଖୀ। ଲୀନା ମନେ ମନେ ଭାବେ- ସାନବାବୁଙ୍କ ମନତଳେ ଏତେ ସରାଗ ଲୁଚି ରହିଥିଲା ତାହେଲେ! ସାନ ମାଲିକାଣୀ ସତରେ ଭାରି ଭାଗ୍ୟବତୀ। ସାନବାବୁ ତାଙ୍କୁ କେବେ ବି ନିଜ ଆଖିରୁ ଅଲଗା କରନ୍ତିନି। ଘରେ ଥିଲା ବେଳେ ଅହରହ ମନୀଷା ଆଉ ମନୀଷା। ଆଉ କାମ ଥିଲେ- ଲୀନାକୁ ଖୋଜାପଡେ। ତଥାପି ସେ ଡାକରେ ଅଥବା ସେହି ଲୋଡିବାପଣରେ ସେ ବେଶ୍ ଖୁସି ହୁଏ। ଯାହାହେଉ ସାନବାବୁଙ୍କ ଦରକାରରେ ସେ କିଛିମାତ୍ରାରେ ବି ଆସିପାରୁଛି ତ! କେବେକେବେ ମନଟା ଭୟାତୁର ହୁଏ। ସାନ ମାଲିକାଣୀ ଯଦି ସାନବାବୁଙ୍କ ସବୁତକ କାମ କରିଦେବେ ତାହେଲେ ଲୀନାର ଜଂଜାଳ ସରିଯିବ ନା! ଜଂଜାଳ ସରିଗଲେ ସେ କେମିତି ବଂଚିବ? ସାନବାବୁଙ୍କ କାମ କେମିତି କରିବ? ତାଙ୍କ କାମ କରିବାରେ କେତେ ଯେ ଆତ୍ମସନ୍ତୋଷ ମିଳେ ତାକୁ ସେକଥା ସେ କାହାକୁ ବା ବୁଝାଇବ!

ଦିନଯାକର କାମ ସାରି ଲୀନା ଯେତେବେଳେ ବିଛଣାକୁ ଆସେ, ଦୀର୍ଘଶ୍ୱାସରେ ଭେଦିଯାଏ ତା ଅନ୍ତର। ଗୁଡିଏ ଶୁଖିଲା ନିଶ୍ୱାସରେ ଥରିଉଠେ ସେ। ଲାଗେ ତା ସ୍ଥୂଳ ଶରୀରଟି ମୃତ କେଉଁଦିନୁ। ଏବେ ସେ ଜଡ ପାଲଟି ଯାଇଛି! ଦେହରେ ବଳନାହିଁ। ଲାଗେ ସେ ବରଡାପତ୍ରଟିଏ ପରି ଥରୁଛି। ସ୍ଥିର ହେବାକୁ ବଳ କୁଳାଉନି। ସବୁତକ ମାନସିକ ଓ ଶାରୀରିକ ଶକ୍ତି ତାର କ୍ଷୀଣ ହେବାରେ ଲାଗିଛି। ଝର୍କାଫାଙ୍କରୁ ସେ ଚାହେଁ ବଗିଚାକୁ। ଅନୁଭବ କରେ ବଗିଚାରୁ ଆସୁଥିବା ଦଲକାଏ ମିଠା ପବନକୁ। ସେଠୁ ଦିଶେ ଝାପ୍ସା ଆଲୁଅରେ ଭିଜା ଗଛର ସବୁଜପଣ।

ସେ ଅସ୍ପଷ୍ଟ ବୁନ୍ଦିଏ ଆଲୋକର ଅନୁସରଣ କରୁକରୁ ତା କ୍ଳାନ୍ତ ଆଖିଯୋଡିକ ପହଁରିଯାଏ ସାନବାବୁଙ୍କ ଶୋଇବା ଘରର ଝର୍କା ପାଖକୁ। ଟେବୁଲ୍ ଲାଇଟ୍ ଏଯାଏଁ ବି ଜଳୁଛି। ଅସ୍ପଷ୍ଟ ଶବ୍ଦ ଶୁଭୁଛି ସେଠାରୁ। କେତେବେଳେ ଚୂଡ଼ିର ରୁଣ୍‌ଝୁଣ୍ ଶବ୍ଦ ତ କେତେବେଳେ ଚୁପି ଚୁପି କଥାମାନଙ୍କ ମୂର୍ଚ୍ଛିତ କୋଳାହଳ। କେତେବେଳେ ଓଠଚିପା ହସ ତ କେତେବେଳେ ମୁଠିଏ ନୀରବତାର ରହସ୍ୟମୟ ଝଂକାର..।


ସାନବାବୁଙ୍କ ଭିତରେ ଏତେ ଖୁସି ଭର୍ତ୍ତି ହୋଇଥିଲା ତାହେଲେ! ହେଲେ ସେ ନୀରବତା ଓ ଏକାକୀପଣର ଖାଲି ଛଳନା କରୁଥିଲେ ଅହର୍ନିଶ। ସେତେବେଳେ ଲୀନା ଭାବେ- ସାନବାବୁ ପୂର୍ବରୁ ନିଜକୁ ଏକାକୀ କରିଦେଇଥିଲେ ଯେପରି ଅନ୍ୟ କେହି ବି ସେ ପରିଧି ଭିତରେ ପ୍ରବେଶ କରିପାରିବ ନାହିଁ। ସେ ହସିବାକୁ କି ସ୍ୱାଭାବିକ ଓ ମୁକ୍ତ ଭାବେ ଜୀଇଁବାକୁ ଚାହୁଁନଥିଲେ ଯେପରି! ଅଥଚ ସେ ଆଜି ଭୁଲ୍ ପ୍ରମାଣିତ ହୋଇଛି ତାଙ୍କ ପାଖରେ! ପ୍ରକୃତରେ ସେ ଜୀବନକୁ ଭଲ ଭାବେ ଜାଣନ୍ତି ଆଉ ବୁଝନ୍ତି। ଜୀବନର ଗୋଟେ ପାର୍ଶ୍ୱକୁ ଅବରୁଦ୍ଧ କରି ଅପର ପାର୍ଶ୍ୱଟିକୁ ନିଜ ଇଚ୍ଛାରେ ଉନ୍ମୁକ୍ତ କରିପାରନ୍ତି। ଯେପରି ଦିଶନ୍ତି, ଠିକ୍ ସେହିପରି ନୁହଁନ୍ତି। ତାଙ୍କ ଭିତରେ କେତେ ରହସ୍ୟ..କେତେ ଅଲିଖିତ ଇତିହାସ! କେତେ ଲୁକ୍କାୟିତ ଅନୁଭବ!

*(କ୍ରମଶଃ)*

## ମିଛ ସହ ହାତାହାତି

ବଦ୍ରୀ ମହାନ୍ତି





ହାତେଇ ନେବା ଓ ଖୋଜିବା ସଭିଙ୍କ କପାଳରେ ନଥାଏ। ଥୋକାଏ ସାରା ଜୀବନ ଅଣ୍ଡାଳି ଅଣ୍ଡାଳି ସବୁ ପଥ ସବୁ ମତ ଶେଷ କରି ଦିଅନ୍ତି ପଛେ ଥକି ଯାଆନ୍ତି ନାହିଁ। ଅନ୍ୟ ଥୋଡାଏ କବଜା କରି ନିଅନ୍ତି ମହାର୍ଘ୍ୟ ବସ୍ତୁ ଠାରୁ ବର୍ଜ୍ୟ ବସ୍ତୁ ପର୍ଯ୍ୟନ୍ତ ତାର ଉପାଦେୟତା ଓ ଗ୍ରହଣୀୟତାକୁ ଭ୍ରୁକ୍ଷେପ ନକରି। ପ୍ରାପ୍ତି ଓ ଅପ୍ରାପ୍ତିର ମଝିଛକରେ ଛିଡ଼ାହୋଇ ଶୂନ୍ୟ ଆକାଶକୁ ଚାହିଁ ରହିବା ଲୋକଙ୍କ ସଂଖ୍ୟା ମଧ୍ୟ କୌଣସି ଗୁଣରେ କମ ନୁହେଁ। କପାଳକୁ ନିନ୍ଦିବା,ବଂଶ ପରମ୍ପରାକୁ ଦୋଷ ଦେବା ଓ ଗଲା ଜନ୍ମର କଥା ଦୋହରେଇବା ଅଥବା ନିଜ ପିତାମାତାଙ୍କ ସଂସ୍କାରକୁ ପ୍ରତିଫଳ ବୋଲି ଜ୍ଞାନ କରି ଥୋକାଏ ନିରୋଳାରେ ବସି ଯାଆନ୍ତି । କଠିନ ଶ୍ରମ ଓ ଧନାତ୍ମକ ଚୈତନ୍ୟ ଭଳି ସର୍ବଜନଗୃହୀତ ଦର୍ଶନଟି ଉପରୋକ୍ତ ବ୍ୟକ୍ତିଙ୍କ ଭାବନାକୁ କସ୍ମିନକାଳେ ଶୋଭାମଣ୍ଡିତ କରିପରେ କି ନା ସନ୍ଦେହ।

କହିବା, ଲେଖିବା ଓ ବସଉଠ ହେବାର ପ୍ରମୁଖ ଅସ୍ତ୍ର ରୂପେ ମିଛକୁ ଆପଣାର କରିବାରେ ସାମାଜିକ କର୍ମକାର୍ତ୍ତାଙ୍କ ମଧ୍ୟରୁ ରାଜନୀତି କରୁଥିବା ପ୍ରାଣୀ ସର୍ବାଧିକ। ନାନାଦି ନୀତିର ଗବେଷଣା ଓ ପ୍ରୟୋଗଶାଳା ରୂପେ ରାଜନୀତିକୁ ସର୍ବଶ୍ରେଷ୍ଠ ଓ ସର୍ବମାନ୍ୟ ନୀତିରୂପେ କେଉଁ ଅନନ୍ତକାଳରୁ ସ୍ୱୀକାର କରାଯାଇଛି। ମିଥ୍ୟାର ସଫଳ ବିନିଯୋଗ ଓ ତତଜନିତ ଫଳପ୍ରାପ୍ତି ସର୍ବାଧିକ ଥିବାରୁ ଏହାର ପରିସୀମା କୌଣସି ରାଜନୀତି କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ନିର୍ଣ୍ଣୟ କରିନଥାନ୍ତି। ଆକାଶଠାରୁ ଉର୍ଦ୍ଧ୍ୱ ଓ ସମୁଦ୍ରଠାରୁ ଗଭୀର ରହି ଆସିଛି ଏ ମହାନୁଭବଙ୍କର ମିଥ୍ୟାଚିନ୍ତନ। କୌଣସି କୌଣସି ଅଭିଧାନରେ ‘ନିପରିଲାପଣ’ ଓ ‘ନାହିଁ’ ଶବ୍ଦ ନଥିବାରୁ ଅନାୟସରେ ମିଛକୁ ଭାବରେ ଓ ବସ୍ତୁରେ ଖଟେଇ ଚଉକି ଓ ପଦବୀ ସିଡ଼ିକୁ ଚଢି ଯାଇଥାନ୍ତି। ମିଛ ସହ ହାତାହାତି ହେବାର କୌଣସି ସୁଯୋଗ ଛାଡୁନଥିବା ସମାଜ ଜୀବନର ଏ ଜାତୀୟ ମଙ୍ଗଧରାଳି ଚିରକାଳ ଅବସ୍ଥା ଓ ବ୍ୟବସ୍ଥା ବଦଳେଇବାରେ ସତତ ମୁଖର।

ସଂସାର ବୃକ୍ଷକୁ ମିଛମାୟା ରୂପେ ଅନ୍ତଃକରଣରେ ସ୍ଥାପନ କରି ଆସିଥିବା ମହାପୁରୁଷ ଏକ ନିର୍ଦ୍ଧାରିତ ସୀମା ଭିତରେ ଅବସ୍ଥାନ କରୁଥିବା ସାଧାରଣରେ ପରିଦୃଶ୍ୟ ହୋଇଥାଏ। ଅନାଦି କାଳରୁ ସୃଷ୍ଟିର ରାହସ୍ୟପରି ଜୀବନର ସତ୍ୟ ଅନୁସନ୍ଧାନ କରୁ କରୁ ସମୟ ସରିଯାଏ। ଅସମାହିତ ଓ ଅପୂର୍ଣ୍ଣାଙ୍ଗ ରହେ ରହସ୍ୟ। ବର୍ଣ୍ଣବିଭା ଓ ଅଫୁରନ୍ତ ଐଶ୍ୱର୍ଯ୍ୟମୟ ସଂସାରକୁ ମିଛର ଏକ ସାଧାରଣ ଇସ୍ତାହାର ବୋଲି ବର୍ଣ୍ଣନାକାରୀଙ୍କ ସହିତ ହାତାହାତି ହେବାର ନଜିର ନାହିଁ। ବାଇ ମହାନ୍ତି ଅନେକ ନିର୍ଜନ ମୁହୂର୍ତ୍ତରେ ଇଚ୍ଛା କରନ୍ତି-ଥରୁଟିଏ ଏ ଦର୍ଶନ ସହିତ ହାତାହାତି ହୁଅନ୍ତାକି? ହୁଏତ ସଂଗୋପିତ ରହସ୍ୟମୟ ଦୁନିଆର ସର୍ବଜନଗୃହୀତ ବ୍ୟବସ୍ଥାଟି ଖୋଲି ଯାଆନ୍ତା! ମାତ୍ର ସମ୍ଭବ ହୁଏନା। ନିର୍ଦ୍ଧାରିତ ସୀମା ଭିତରେ ଥାଇ ହାତାହାତି ହେବାର ସୂକ୍ଷ୍ମ କଳ୍ପନାଟି ସ୍ୱପ୍ନ ଭିତରେ ଇ ରହିଯାଏ।


ପ୍ରତି ମୁହୂର୍ତ୍ତରେ ମିଛର ସୀମା ଲଂଘନ କରୁଥିବା ଅସହାୟ କଳାକାରଟିଏ ହାତାହାତି ହେବାର ଦିବାସ୍ୱପ୍ନଟିଏ ସୁଦ୍ଧା ଦେଖି ପାରେନା। ଭାବ ଓ ଦୃଶ୍ୟସଜ୍ଜାକୁ ଅପଣେଇଥିବା ଏ ମଣିଷଟି କେବଳ ସାମ୍ନାକୁ ଦେଖେ। ଆଖି ସମ୍ନାର ଇଚ୍ଛା ଅନିଚ୍ଛା ଓ ଅପହଞ୍ଚମାନଙ୍କୁ ନିକଟତର କରାଇ ମନପ୍ରାଣ ଓ ହୃଦୟକୁ ବିବିଧ ତରଙ୍ଗ ସହିତ ପ୍ରବାହିତ କରିଦିଏ। *(କ୍ରମଶଃ)*

## କବିତାର କଥା

(ଭାଗ-୯୮)



ଉମାକାନ୍ତ ରାଉତ



## ଏହା ବୋଧେ ପ୍ରେମ !

ପ୍ରଥମରୁ କହି ରଖୁଛି - ପ୍ରେମ ବିନା କବିତା ସମ୍ଭବ କି ?

ଜମ୍ମାରୁ ନୁହେଁ। ଆପଣ ନିଶ୍ଚୟ ପ୍ରଶ୍ନ କରିବେ - ତା’ହେଲେ ମୁଖା ବହିରେ ନିଃକ୍ଷେପ କରାଯାଉଥିବା କିଛି ପ୍ରେମକବିତାକୁ ନେଇ ଏତେ ହଟଚମଟ କାହିଁକି ?

ପଥମେ ପରିଷ୍କାର ହୋଇଯିବା ଆବଶ୍ୟକ ଯେ ପ୍ରେମ କବିତା ନାମରେ ନିଃକ୍ଷେପ କରାଯାଉଥିବା ସମସ୍ତ କବିତା ପ୍ରେମ କବିତା ପଦବାଚ୍ୟ କି ? ପ୍ରେମ/ପଣୟର କବିତା ଲେଖିବା ଅର୍ଥ ଫୁଲଟିଏ ଫୁଟେଇ ପାରିବାର ସାମର୍ଥ୍ୟ ଅର୍ଜନ କରିବା। ଦୁଇଟି ଉପାୟରେ ଫୁଲ ଫୁଟାଇ ଯାଇପାରେ। ଗୋଟିଏ ହେଲା ସ୍ୱାଭାବିକ ପ୍ରାକୃତିକ ଫୁଲ, ଯାହାର ନିଜସ୍ୱ ବାସନା ଅଛି; ଅନ୍ୟଟି ହେଲା ବାସ୍ନାଦିଆ ଥୋପା ପ୍ଲାଷ୍ଟିକ୍ ର ଫୁଲ, ଯାହା ଫୁଲର ଭ୍ରମ ସୃଷ୍ଟି କରେ ହେଲେ ଫୁଲ ନୁହେଁ। ବିବାହ ବ୍ରତ ନାନାଦି ଉତ୍ସବରେ ଆଜିକାଲି ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳେ ତଥାକଥିତ ପ୍ରେମକବିତାମାନଙ୍କ ଭିଡ଼ ଭଳି। ହେଲେ ମଧୁମକ୍ଷୀ ଅବା ମଧୁପକୁ ଏହା ଆକର୍ଷିତ ନ କରିପାରିଲା ଭଳି ବାସ୍ତବ କାବ୍ୟାମୋଦୀର ରସିକକୁ ଉପରୋକ୍ତ କୁଝ୍‌ଝଟୀକିୟ ପ୍ରେମ କବିତା ଆକର୍ଷିତ କରିପାରେନା। ଏଥିରେ ନା ଥାଏ ମଧୁ,ନା ଥାଏ ମହକ! ଆଜିକାଲି ପ୍ରେମ କବିତା ନାମରେ ଏମିତି ଅଜସ୍ର ବାସ୍ନାୟିତ ଥୋପାଫୁଲର ମହକହୀନ ରୋଷଣୀ ଆଉ ସେଥିରେ ପାଣିକଖାରୁକୁ ଅଙ୍ଗୁର ଭାବି ବାୟା ଅନେକ ଅପାଂକ୍ତେୟ ମତିଭ୍ରମ ଭଅଁର।

ଏକଥା ମୁଁ କାହା ଉପରେ ଲଦି ଦେବାକୁ ଚାହେଁନା। କହିବାକୁ ବି ଡର! ହେଲେ, ନକହିଲେ କୁଳ ଭାସିଯିବ ନି ?

ଯେତେବେଳେ ରମ୍ୟ ପ୍ରଦାନ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ନୁହେଁ, ରମଣ କରୁଥିବା ବ୍ୟକ୍ତିମାନଙ୍କୁ ନେଇ ରାମାୟଣ ରଚନାର କୁପ୍ରୟାସ କରାଯାଉଛି; ବ୍ୟାସଦେବ ନୁହେଁ, ବେଶ୍ୟାଦେବଙ୍କ ଦ୍ୱାରା ମହାଭାରତର ଟୀକ୍କା ଟୀପ୍ପଣୀ ଦିଆଯାଉଛି ଏବଂ ଭାବଗ୍ରାହୀମାନଙ୍କ ଦ୍ୱାରା ନୁହେଁ, ଭବରୋଗୀମାନଙ୍କ ଦ୍ୱାରା ଭାଗବତ ଗ୍ରନ୍ଥର ଶିକ୍ଷା ସମୀକ୍ଷା କରାଯିବାକୁ ମସୁଧା କରାଯାଉଛି : ସେହିଭଳି ଘଡିସନ୍ଧି ମୁହୂର୍ତ୍ତରେ ଏଭଳି ସ୍ପର୍ଶକାତର ବିଷୟକୁ ଆଧାର କରି ଚର୍ଚ୍ଚା କରିବା ଅର୍ଥ ଗୋଟେ ଏକ୍ଲା ବତୀଘରର ଦାୟିତ୍ୱ ନିଭାଇବାକୁ ଅଣ୍ଟାଭିଡି ବାହାରିଲା ଭଳି କଥା। ବତୀଘର ପାଖକୁ କେବେ କିଏ ଯାଏ ନା କେହି ତା’ର ପ୍ରେମରେ ପଡି ତା’ର ସମ୍ପଦକୁ ତା’ଠାରେ ଅଜାଡ଼ି ଦିଏ ?

ପ୍ରେମ କବିତା ଲେଖିବା ସୋଜା କଥା ନୁହେଁ। ଫୁଲଟିଏ ଫୁଟେଇବା କ’ଣ ସହଜ କଥା ?

ତାରୁଣ୍ୟରେ ପ୍ରେମର ଆବିର୍ଭାବ ଚେତନଶୀଳ ମନ ଉପରେ ଯେଉଁ ପ୍ରଭାବ ପକାଏ, ତା’ର ପ୍ରତିବଦଳରେ ଜୀବନର ମଧ୍ୟାହ୍ନ ତାକୁ ଫେରେଇଦିଏ ପ୍ରୀତିର କବିତା। ହେଲେ ପ୍ରତିସୃତ ପ୍ରେମ ରଶ୍ମୀରୁ ସେତେବେଳକୁ ପାକଳପଣର ଓଜନ ଲେୟାର୍ ଛାଣି ନେଇସାରିଥାଏ ବିନଷ୍ଟକାରୀ ନୀଳରଶ୍ମୀର ପ୍ରାଦୁର୍ଭାବ। ଅତଏବ ସେ ମଙ୍ଗଳକାରି ପ୍ରତିସୃତ ରଶ୍ମୀକଣାର ସ୍ନିଗ୍ଧ ପରଶରେ ଭରିଯାଏ ସାହିତ୍ୟର ଶ୍ୟାମଳିମା........କବିତାର ସାରେଗାମା। ସେତେବେଳେ କବିତାର ନାଆ ବାହି ଦୁଃଖର ଅତଳ ସାଗରରୁ ଉତ୍ତୁରି ଆସେ କବି। ଯେତେଥର ଢେଉ ଭସେଇ ନେଲେ ବି ଆଉ ଡୁବିଯିବାର ଆଶଙ୍କା ନଥାଏ। ପାଲଟା ଢେଉ ତାକୁ ଫେରେଇଆଣେ କୂଳକୁ..... ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ପଡ଼ିଥିବା ଚୁନି ଚୁନି ଶଙ୍ଖ ଶାମୁକାଙ୍କ ମେଳକୁ। ଯାକୁ ପ୍ରେମ ନୁହେଁ ତ ଆଉ କ’ଣ କହିବା ?

ସେଇଥିପାଇଁ ତ କବିଟିଏ ସାମ୍ନାରେ ଅନାହତ ଅପେକ୍ଷାର ରକ୍ତ କରବୀ ଛବି.......କବି ଆଖିର ଦ୍ରାଘିମାରେ ଅୟୁତ ଯୁଗର କ୍ଳାନ୍ତ କାହାଣୀ.....ଅନୁରକ୍ତ ଆତ୍ମାର ମାନସ ସରୋବରରେ ଅନନ୍ତ ପ୍ରେମର କାରୁଣ୍ୟ ......କାହାକୁ ନ ଜଳାଇ ନିଜକୁ ଜଳାଉଥିବାର ପବିତ୍ର ଅଗ୍ନିଧାସ ଭିତରେ ହୃଦୟ ଦୋହଲି ଯିବାର ଗଜଲ୍.....ମରମର ଭାଷା ମରମେ ମରୁଥିବା ବିରହ ବିଧୁର ରାଗିଣୀ......ପ୍ରେମର ରୁବାୟିୟତ୍.....ପ୍ରେମ ପାଇଁ କବିତା......ପ୍ରେମ କବିତା !

ବନ୍ଧ ଭାଙ୍ଗି ଦେବାର ଦୁର୍ବାର ପାଗଳପଣ ପାଖରେ ବର୍ଷ ବର୍ଷର ବ୍ୟବଧାନ କେଡ଼େ ତୁଚ୍ଛ, ବାସ୍ନାୟିତ ଫୁଲଟିର ମହକ ଟିକେ ପାଇଁ ପାଗଳ ଭଅଁର ପାଖରେ ଶତାବ୍ଦୀ ଶତାବ୍ଦୀର ଅଳନ୍ଧୁ କେଡ଼େ ନଗଣ୍ୟ ଏବଂ ପାଖରେ ପାଇ ଛୁଇଁ ହେଉ ନଥିବା ସମୟର ମଧୁର ଯନ୍ତ୍ରଣା କେଡ଼େ କ୍ଳିଷ୍ଟପୂର୍ଣ୍ଣ : ସେ ହିସାବ ଦେଇପାରେ କେବଳ ପ୍ରେମିକଟିଏ.....କେବଳ କବିଟିଏ। ସ୍ଥୂଳଭାବେ ପ୍ରେମ କରିବା ଏବଂ ମୃଣ୍ମୟତାର ଉର୍ଦ୍ଧ୍ୱରେ ପ୍ରେମର ଚିନ୍ମୟତାକୁ ଭୋଗିବା ଏକା କଥା ନୁହେଁ। ସେଇଥିପାଇଁ ତ ସଚ୍ଚା କବିଟିଏ ଭଲ ପାଇବାର ଗୋଲାପି ପୃଷ୍ଠାରୁ ଜନ୍ମଜନ୍ମାନ୍ତର ପଢ଼ି ଚାଲିଥାଏ ସାଇତା ସୁଖର ଅନୁଭବ।

ସେହି କୋହ ଆଉ ଲୁହର ନିଗିଡା ରସରୁ କବିଟିଏ ଭୋଗେ ବିଷାଦ ବିଳାସ। ପବନ ଗୁମ୍ ମାରି ଠିଆ ହୋଇଯାଏ ବଉଳ ଗଛ ଛାଇରେ। ଦୂର ସମୁଦ୍ରରୁ ନିଆଁ ଲିଭାଇ ମାଟିକୁ ଫେରନ୍ତି ଶବ୍ଦମାନେ। ସ୍ନାୟୁର ସହରରେ ଚେଇଁ ଉଠନ୍ତି ରକ୍ତର ପରାଜିତ ସୈନିକମାନେ। ପାହିବ ପାହିବ ହୋଇ ପାହୁ ନଥାଏ ରାତି। ମେଘ ଓଢ଼ଣାର ଫାଙ୍କରୁ ଏକୁଟିଆ ତାରାଟିଏ ମୁହଁ କାଢ଼ି ମିଟି ମିଟି ଚାହିଁ ରହିଥାଏ ମାଟିର ଏ କାରବାରକୁ....କବିର ଏ ପାଗଳପଣକୁ......ପ୍ରେମର ଏ କାରନାମାକୁ......

ଦୁଃଖ ନ ଥାଏ କି ସୁଖ ବି ନ ଥାଏ ...ନାତିଶୀତୋଷ୍ଣ! ସବୁତକ ସାହାନାଇ ଏକାଥରକେ ବାଜ ଉଠନ୍ତି ଏକ ମୃଦୁ ଝଙ୍କାରରେ। ନା ଥାଏ ପାଇବାର ଆଶା , ନା ଥାଏ ହରାଇବାର ଆଶଙ୍କା ! ହୁଏ ଏକ ଘୋରତର ଛନ୍ଦର ଅୟମାରମ୍ଭ ।ଶିରାପ୍ରଶିରାରେ ଅନୁରଣିତ ହୁଏ କବିତାର ଓଁକାର। ଏହା ବୋଧେ ପ୍ରେମ ! !

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ବିଶେଷ କବିତା



## ସ୍ମୃତିର ବାଲିଯାତ୍ରା

ଯୁଧିଷ୍ଠିର ପ୍ରଧାନ



ବଗୁଲିଆ ଶୈଶବରେ
ପରସ୍ତ ପରସ୍ତ କାଗଜ ଚିରି
ବରଷାର ଜଳ ଧାରା ପରେ
ଭସାଇ ଦେଇ ପୁଳା ପୁଳା ଡଙ୍ଗା
ପାଉଥିଲି ଅପାର ଆନନ୍ଦ
ଜାଣିପାରୁ ନଥିଲି ସେ କଥା
ଇତିହାସ ଲୁକାୟିତ
ଆମ ଜାତିର ସାଧବଙ୍କ ଗାଥା।
ଦ୍ୱୀପପୁଞ୍ଜ ଜାଭା, ବୋର୍ଣ୍ଣିଓ, ସୁମାତ୍ରା
ଦୂରୁହ ବ୍ୟାପାର ପୁଣି ସେ ଠାବକୁ ଯାତ୍ରା
ଚାରିଆଡେ ନୀଳ ଜଳ ରାଶି
ଅଥଳ ସାଗର ଗର୍ଭରେ
ସାଧବ ପୁଅର ବୋଇତ
ଦିଗହରା ହୋଇ ଯାଏ ଭାସି ଭାସି।
ହାତରେ କେବଳ
ସାହା ଭରସାର ଆହୁଲାଟାଏ
ନଥିଲା କମ୍ପ୍ୟୁଟର, ରାଡାର, କମ୍ପାସ
ନଥିଲାବି ପାଶେ, ଯନ୍ତ୍ର ଦୂରଭାଷ,
ଦେବା ପାଇଁ ଜ୍ଞାନ୍ତିଜନେ ତୁରନ୍ତ ସନ୍ଦେଶ।
ଦୁଃଖ ନେଇ ଯାଉଥିଲେ ଗନ୍ତବ୍ୟ ପଥରେ,
ଫେରୁଥିଲେ ଧରି ସୁଖର
ଭଣ୍ଡାର ଉତ୍କଳ ରାଜ୍ୟରେ।
ଜଳ ପଥେ କେତେ ଝଡ, ବାତ୍ୟା ଓ ବିପ୍ଳାତ,
ସହ୍ୟ କରି ଫେରୁଥିଲେ ଧରି ନାନା ବିତ୍ତ।
ସହ ଧର୍ମିଣୀ ସହିତ ଜ୍ଞାନ୍ତି ପରିଜନ
ସାଧବ ପୁଅଙ୍କୁ କରି କେତେ ଯେ ସମ୍ମାନ।
ପାଛୋଟି ନେଇ ଯେବେ ଗୃହକୁ ଫେରନ୍ତି
ସାଧେବ ମାନେଯେ କେତେ ସ୍ମୃତି ବଖାଣନ୍ତି।
ସେଇଥିପାଇଁ ତ ଆମ ବୋଇତ ବନ୍ଦାଣ,
ବାଲିଯାତ୍ରା ଉତ୍ସବ ଭାବେ ହୋଇଅଛି ଜାଣ।
ବେଳାଭୂମି ପରେ ପର୍ବ ଅଭୁଲା ସ୍ମୃତିର
ପାଳିଥାନ୍ତି ନର ନାରୀ ଆମ ଉତ୍କଳର।

*ମଧୁପୁର, ବାରଙ୍ଗ, କଟକ*
*ଦୂରଭାଷ : ୯୪୩୭୫୬୬୩୯୭*

## ମଗୁଶିର ଆସିଲାଣି




ପୁଷ୍ପଲତା ମିଶ୍ର

କାର୍ତ୍ତିକ ମାସ ତ ଫେରି ଯାଉଅଛି
ମଗୁଶିର ଆସିଲାଣି,
ଗ୍ରାମଠୁ ସହର ସବୁ ଘର ଦ୍ୱାର
ଲକ୍ଷ୍ମୀ ପାଦ ପଡ଼ିଲାଣି।
ସବୁରି ଅଗଣା ସଜା ହୋଇଅଛି
ମାଆଙ୍କୁ ପୂଜିବା ପାଇଁ,
କଁଅଳିଆ ଶୀତ ମୃଦୁ ପରଶକୁ
ଖାତିରି କରନ୍ତି ନାହିଁ।
ସକାଳ ସ୍ନାହାନେ ଶୁଭ ଶଙ୍ଖ ଧ୍ୱନି
ହୁଳହୁଳି ଶବଦରେ,
ସରଗ ରାଇଜୁ ଓହ୍ଲାଇ ଆସନ୍ତି
ପଦ୍ମା ଲୟା ପ୍ରତି ପୁରେ।
ହଳଦିଆ ରଙ୍ଗେ ସୋରିଷ କିଆରି
ସଜାଇଛି ଗୋଟି ଗୋଟି,
ମାଆଙ୍କ ଶରଧା ହଳଦିଆ ରଙ୍ଗ
ପ୍ରକୃତି ଦେଇଛି ଭେଟି।
ବାଡି ବଗିଚାରେ ଫୁଲର ସମ୍ଭାର
ଦୋଳି ଖେଳେ ଗେଣ୍ଡୁ ଫୁଲ,
ନାନା ଜାତି ଫୁଲେ ଶୋଭା ଦିଶୁଅଛି
ସେବତୀ ଫୁଲର ମାଳ।
ଅତି ସରାଗରେ ସରୋବରେ ପଦ୍ମ
ମାଆଙ୍କ ବାଟକୁ ଚାହିଁ,
ପାଦ ତଳେ ସେହି ସାଜି ହୋଇ ଯିବ
ଜୀବନ ସାର୍ଥକ ପାଇଁ।
ପ୍ରଥମା ଅଷ୍ଟମୀ ପଡେ ଏହି ମାସେ
ପିଲାଏ ହୁଅନ୍ତି ଖୁସି,
ନୂଆ ଲୁଗା ଆସେ ତାଙ୍କ ମାମୁଁ ଘରୁ
ଏଣ୍ଡୁରି ଖାଆନ୍ତି ବସି।
କୃଷକ ଭାଇର ମନ ହରଷିତ
ଶସ୍ୟ କ୍ଷେତକୁ ସେ ଦେଖି,
ନୂଆ ଚାଉଳ ରେ ପିଠା ପଣା କରି
ଲକ୍ଷ୍ମୀ ମାଆଙ୍କୁ ସେ ଡାକି।
ମାର୍ଗଶିର କୃଷ୍ଣ ପଞ୍ଚମୀ ତିଥିରେ
ସୀତାଙ୍କ ବିବାହ ହୁଏ,
ପଣ୍ଡୁ ପୂର୍ଣ୍ଣିମାରେ ପାଣ୍ଡୁ ବ୍ରତ କରି
ମଣ୍ଡା ଅଟକାଳି ହୁଏ।
ମାର୍ଗଶିର ଗଲେ ପଉଷ ଆସିବ
ଶୀତରେ ଥରାଇ ଦେବ,
ସବୁ ମାସ ଅଟେ ଜଗତର ଶ୍ରେଷ୍ଠ
ସବୁକୁ ଆଦରି ନେବ।

*ଭୁବନେଶ୍ୱର*
*ଦୂରଭାଷ : ୯୩୩୮୨୯୪୬୫୭*




## ପଚା ନାଉ



ଦୀପ୍ତିମୟୀ ବିଶ୍ୱାଳ

ପଚା ନାଉ ନିଅ ପଚା ନାଉ ......
ଡାକ ଛାଡେ ମାଆ
ହସି ହସି ଗଡ଼େ କୁନିପୁଅ।
ନିଜ ନାଉକୁ ପଚା କହି
ବିକିବାର ସବୁ ବାଟ
ନିଜେ ହିଁ ବନ୍ଦ୍ କରିଦିଏ ମା’।
ମାଆ କ’ଣ ବେପାରୀ ଯେ
ପଚାକୁ ସଜ କହିବ !
କୁନିପୁଅ ଯାଇପାରେନା ଗହୀରକୁ।
ନାଉକୁ ପିଠିରେ ପକେଇ ମାଆ
ଗେହ୍ଲା କରେ,କହେ ମୋ ପଚା ନାଉ
ମୋର ହେଇଥାଉ।
ମାଆ ଘର ପୋଛେ,ବାସନ ମାଜେ
ଛଅ ତୁଣ ନଅ ଭଜା କରେ,
ବିଲବାଡି ବୁଝେ।
ଧର୍ମକୁ କାନିରେ ଗଣ୍ଠେଇ
ତେତିଶ କୋଟି ଦେବତା ପୂଜେ।
ମାଆ ପିଠିରେ କୁନିପୁଅ ସହ
ନାଉ ହୋଇଥାଏ ଆକାଶ ପରି ଜଞ୍ଜାଳ।
ମାଆ ଏଡ଼େ ପାରିବାର ଯେ,
କେବେ କହେନା ..... ଆଉ ପାରିବିନି
ସରି ଆସିଲାଣି ବଳ।
ଏବେ ମା’ .... ସତରେ ପଚା ନାଉ
ଗଡୁଛି ବାଡିପଟ ଅପନ୍ତରା ଘର କୋଣରେ।
ପିଠି କାହିଁ ! ଯିଏ ସହିବ ତା ଦାଉ,
ଡାକ ଛାଡ଼ିବ .....
ପଚା ନାଉ ନିଅ ପଚା ନାଉ।
ଚୁପ୍ କିନା କହୁଥିବ,
‘ମୋ ପଚା ନାଉ ମୋର ହେଇ ଥାଉ’ !

*ଅନୁଗୋଳ*

# କୋଣାର୍କ ଉତ୍ସବର ଏକ ଆଲୋକପାତ

**ଅଜିତ କୁମାର ମଲ୍ଲିକ**





ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରାପ୍ତ ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟମନ୍ଦିର ଉତ୍କଳୀୟ କଳା, ସ୍ଥାପତ୍ୟ ଓ ସଂସ୍କୃତିର ଚରମ ନିଦର୍ଶନ। ଏହି ସସୂର୍ଯ୍ୟ ମନ୍ଦିର ପ୍ରତିଟି ଶିଳାଖଣ୍ଡ ସୂକ୍ଷ୍ମ କଳାଭାସ୍କର୍ଯ୍ୟରେ ଲାଗନ୍ତି ଜୀବନ୍ତ। ମନ୍ଦିର ଗାତ୍ରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟରୁ ଉତ୍କଳୀୟ ଧର୍ମ, ଶିକ୍ଷା, ସଂସ୍କୃତି ଓ ସାମାଜିକ ଜୀବନର ଚିତ୍ର ସ୍ପଷ୍ଟ ପ୍ରମାଣିତ । ମନ୍ଦିରରେ ସ୍ଥାପିତ ପାଷାଣୀ ନୃତ୍ୟାଙ୍ଗନା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଜୀବନ୍ତ ରୂପାୟନ; ଏହାକୁ ଦେଖି ପର୍ଯ୍ୟଟକ ମନ ହୁଏ ଆହ୍ଲାଦିତ, ପର୍ଯ୍ୟଟକଙ୍କୁ ମିଳିଥାଏ ଭରପୁର ଆନନ୍ଦ । କୋଣାର୍କର ସୂର୍ଯ୍ୟମନ୍ଦିରର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବର୍ଷତମାମ ବିଶ୍ୱର କୋଣ ଅନୁକୋଣରୁ ହଜର ହଜାର କଳା ପିପାସୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ । ବିଶ୍ୱ ଦରବାରରେ ଭାରତର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ପରିଚିତ କରାଇବା ସହିତ ପର୍ଯ୍ୟଟନଶିଳ୍ପକୁ ଅଧିକରୁ ଅଧିକ ସମୃଦ୍ଧିଶାଳୀ କରିବାର ମହତ ଉଦ୍ଦେଶ୍ୟ ନେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧୯୮୯ ମସିହାରେ ଆରମ୍ଭ ହୋଇଥିଲା କୋଣାର୍କ ନୃତ୍ୟ ଉତ୍ସବ । ୧୯୮୫ ମସିହାରେ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପରେ ପ୍ରଥମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବର ଶୁଭ ଉଦଘାଟନ ଅବସରରେ ଓଡ଼ିଶାର ତତ୍କାଳୀନ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶରତ ରାଉତ ସରକାରୀ ସ୍ତରରେ ଏପରି ଏକ ଉତ୍ସବର ଆୟୋଜନ କରାଯିବ ବୋଲି ମଞ୍ଚଉପରୁ ଘୋଷଣା କରିଥିଲେ । ଏଥି ନିମନ୍ତେ ପ୍ରସ୍ତାବିତ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କାର୍ଯ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ଏହାପରେ ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଏହି ରଙ୍ଗମଞ୍ଚର କଳେବର ଓ ଦର୍ଶକ



ଗ୍ୟାଲେରୀକୁ ପରିବର୍ଦ୍ଧିତ କରାଯାଇ ୨୫ ଶହ ଦର୍ଶକଙ୍କ ବସିବାର ବ୍ୟବସ୍ଥା ହୋଇଥିଲା । ଏହି ଉତ୍ସବକୁ ପ୍ରାଧାନ୍ୟ ଦେଇ ୧୯୯୩ ମସିହାରେ ବିଜୁବାବୁ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଉତ୍ସବର ପ୍ରସ୍ତୁତି ପରେ ବାଲିଦ୍ୱୀପର ରାଜା ସୁକର୍ଣ୍ଣ ଓ ତାଙ୍କ କନ୍ୟାଙ୍କୁ ଏହି ଉତ୍ସବକୁ ଅତିଥିରୂପେ ଆମନ୍ତ୍ରଣ କରିଥିଲେ । ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା। ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ବ୍ୟତିରକେ ପରବର୍ତ୍ତୀ ଅବସ୍ଥାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ନୃତ୍ୟ ଉତ୍ସବର ନାମକୁ ପରିପୁଷ୍ଟ କରିଥିବା କାରଣରୁ ଏହି ଉତ୍ସବର ନାମ ପରିବର୍ତ୍ତନ କରାଯାଇ କୋଣାର୍କ ଉତ୍ସବ ରଖାଗଲା । ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୨୦୧୧ମସିହାରୁ ଏଯାବତ ଦେଶ ବିଦେଶର ଆନ୍ତର୍ଜାତିକ ଖ୍ୟାତିସଂମ୍ପନ୍ନ ବାଲୁକା ଶିଳ୍ପୀଙ୍କୁ ନେଇ ଆୟୋଜିତ ହୋଇ ଆସୁଛି ବାଲୁକାକଳା ପ୍ରଦର୍ଶନୀ । ଏହି ଉତ୍ସବରେ ସାହିତ୍ୟ ଆସର ସାଙ୍ଗକୁ କବିତା ପାଠ ଉତ୍ସବ, ସାଇକଲଥୋନ, ଗଣଦୌଡ, ବେଳାଭୂମୀ ପଦଯାତ୍ରା, ପୁସ୍ତକ ମୋଳା ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ଉତ୍ସବ ଅଧିକ ସମୃଦ୍ଧ ହୋଉଛି । ୧୯୯୯ ମସିହା ଅକ୍ଟୋବର ମାସରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରଳୟଙ୍କରୀ



ମହାବାତ୍ୟା ସଂଘଟିତ ହେବା ଯୋଗୁଁ କୋଣାର୍କ ଉତ୍ସବ ଅନୁଷ୍ଠିତ ହୋଇପାରି ନଥିଲା । ସେହିପରି ଗତ ୨୦୨୧ମସିହାରେ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ୧ ଓ ୨ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଜେୱାଦ ପାଇଁ ୩ ରୁ ୫ ପାଞ୍ଚତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥବା କୋଣାର୍କ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ନେର୍ଦ୍ଦେଶ କ୍ରମରେ ବାତିଲ କରାଯାଇଥିଲା । ବିଗତ ୩୨ ବର୍ଷ ଧରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ



ବିଗତ ୧୧ବର୍ଷ ଧରି ବାଲୁକା କଳା ପ୍ରଦର୍ଶନି କୋଣାର୍କ ଉତ୍ସବର ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟ ତଥା ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଚଳିତ ବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୩୩ ତମ କୋଣାର୍କ ଉତ୍ସବ ଅତୀବ ଆକର୍ଷଣୀୟ ହବେ । ରଙ୍ଗମଞ୍ଚ ଓ ଏହାର ପରିପାର୍ଶ୍ୱକୁ ରଙ୍ଗବେରଙ୍ଗର ଆଲୋକମାଳା, ଫୁଲ, ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଓ ଚିତ୍ରପଟରେ ସଜାଯାଇଛି । ରଙ୍ଗମଞ୍ଚର ଦୁଇଟି ପ୍ରବେଶ ଦ୍ୱାର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସୁନ୍ଦର ତୋରଣମାନ ନିର୍ମାଣ କରାଯାଇଛି । ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ସମୟରେ ମଞ୍ଚର ଆଲୋକ ଓ ଧ୍ୱନି ବ୍ୟବସ୍ଥା ଉନ୍ନତମାନର ହୋଇଛି । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ଜଗତର ଖ୍ୟତନାମା ଗୁରୁ ଓ ତାଙ୍କ ସହଯୋଗୀ ନୃତ୍ୟଶିଳ୍ପୀମାନେ ପାଞ୍ଚଦିନ ବ୍ୟାପି ଶସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶୀ, କଥକ, ମଣିପୁରୀ, ମୋହୀନିଆଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପରିବେଷଣ କରାଯିବ। ଡିସେମ୍ବର ୧ ତାରିଖରେ ସନ୍ଧ୍ୟା ୬ଟା ରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଏକ ଆକର୍ଷଣୀୟ ତଥା ଭବ୍ୟ ପରିବେଶରେ କୋଣାର୍କ ଉତ୍ସବ-୨୦୨୨ର ଅତିଥିମାନଙ୍କ ଦ୍ୱାରା ଉଦଘାଟିତ ହେବ । ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ମାଲେସିୟାର କୁଲାଲିୟାମପୁର ଦତୁକା ରାମଳି ଇବ୍ରାହିମ୍ ଓ ସାଥିଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦୀଲ୍ଲିର ନୃତ୍ୟଶିଳ୍ପୀ ଗୁରୁ କୁନ୍ଦନଲାଲା ଗାଙ୍ଗାନି ଫାଉଣ୍ଡେସନର ଗୁରୁ ରାନ୍ଦ୍ରେ ଗାଙ୍ଗାନ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ । ସେହିପରି ଉତ୍ସବର ଦ୍ୱିତଯ ଦିବସର ପ୍ରଥମ ପର୍ଯ୍ୟାୟରେ ମଣିପୁର ଜବାହାର ଲାଲ ନେହେରୁ ମଣିପୁର ଡ଼୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ମଣିପୁରୀ ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ କଟକର ଗୁଞ୍ଜନ ଡ଼୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ମିରା ଦାସ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର କୋଲକତା ମୟୁର ଲଲିତ ଡ଼୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ଦେବସ୍ମିତା ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଦଶାୟାମ ସେଣ୍ଟର ଫର ମୋହିନୀଆଟମ୍ ପକ୍ଷରୁ କାଳିମାମଣି ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇଙ୍ଗନା ସ୍ୱାଣ୍ଡା ଡ଼୍ୟାନ୍ସ କମ୍ପନୀ ପକ୍ଷରୁ ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ସୁରଭି ଅନୁଷ୍ଠାନର ଗୁରୁ ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ ଡିସେମ୍ବର ୫ ତାରିଖର ପ୍ରଥମ



ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟ ନୈବେଦ ଅନୁଷ୍ଠାନର ପ୍ରଭାତ କୁମାର ସ୍ୱାଇଁ ଓ ସାଥୀ ନୃତ୍ୟ ଶିଳ୍ପୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଶିବମୋହନମ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଜୟକିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ । କୋଣାର୍କ ଉତ୍ସବ-୨୦୨୨ ସମୟରେ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମୀରେ ଆୟୋଜିତ ହେବାକୁ ଆଉଅଛି ୧୨ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨ । ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨ ଏଠାରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସଂମ୍ପନ୍ନ ବାଲୁକା ଶିଳ୍ପୀମାନେ ଯୋଗ ଦେଇ କଳା ପ୍ରଦର୍ଶନ କରିବେ । କୋଣାର୍କ ଉତ୍ସବ - ୨୦୨୨ ଅବସରରେ ନଭେମ୍ବର ୩୦ତାରିଖରେ କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ରାମଚଣ୍ଡୀ ପର୍ଯ୍ୟନ୍ତ ସାଇକଲଥୋନ, ଡିସେମ୍ବର ୧ ତାରିଖ ସକାଳେ ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ଗଣଦୌଡ଼ ଏବଂ ୨ତାରିଖରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ବେଳାଭୂମୀ ପଦଯାତ୍ରା, ୨ତାରିଖରେ ରାଜୀବ ଗାନ୍ଧୀ ସୋଶିଆଲ ୱେଲଫର ଅର୍ଗାନାଇଜେସନ ପକ୍ଷରୁ ଚିତ୍ର କଳା ଶିବିର, କୋଣାର୍କ ମିଡିଆ ଫୋରମ ପକ୍ଷରୁ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତା ଏବଂ କୋଣାର୍କ ପୁସ୍ତକ ମେଳା କମିଟି ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହେବ । କୋଣାର୍କ ଉତ୍ସବ ସମୟରେ ଆଉ ଏକ ମୁଖ୍ୟ ଆକର୍ଷଣ ସାଜିଥାଏ ଯାତ୍ରା ଦଳ । ସ୍ଥାନୀୟ ଯାତ୍ରା କମିଟି ମାନଙ୍କ ପକ୍ଷରୁ ଏକାଧିଖ ଯାତ୍ରାଦଲ ଯାତ୍ରା ପରିବେଷଣ କରିଥାନ୍ତି । ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ସମେତ ସ୍ଥାନୀୟ ଅଞ୍ଚଳର ଯାତ୍ରାପ୍ରେମୀ ଦର୍ଶକମାନେ ଆସି କୋଣାର୍କ ଉତ୍ସବ ଦେଖିବା ସହ ଯାତ୍ରାକୁ ରାତିତମା ମନଭରି ଉପଭୋଗ କରିଥାନ୍ତି । ଏନଏସି ପକ୍ଷରୁ ମିନାବଜାର, ରାମଦେଳି, ସର୍କସ ଓ ଯାତ୍ରା ପରିବେଷଣ ପାଇଁ ହେଲିପ୍ୟାଡକୁ ପ୍ରସ୍ତୁତ କରାଯାଇ ବ୍ୟବସାୟୀ ମାନଙ୍କୁ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଉଛି । ଏଠାରେ ସମସ୍ତ ପ୍ରକାର ଖାଦ୍ୟ, ବସ୍ତ୍ର ଓ ଘରକରଣା ସାମଗ୍ରୀ ଉପଲବ୍ଧ ଥିବାରୁ ପାଞ୍ଚଦିନ ଧରୀ ଏହି ଅଞ୍ଚଳରେ ପ୍ରବଲ ଭିଡ ହୋଇଥିବା ବେଳେ କୋଣାର୍କ-ଚନ୍ଦ୍ରଭାଗା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ । କୋଣାର୍କ ଉତ୍ସବ ଅବସରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ ଜିଲାରୁ ପ୍ରାଥମିକ ବୁଣାକାର ସମବାୟ ସମିତି ଏବଂ ବୟନୀକା ଓ ବରଗଡ଼ର ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଖଣ୍ଡୁଆ ପାଟ ଶାଢ଼ୀ, ବମକେଇ ଶାଢ଼ୀ, ବ୍ରହ୍ମପୁର ଶାଢ଼ୀ, ବଡ଼ବାଗର ଶାଢ଼ୀ ଫାଇନ କଟନ ଶାଢ଼ୀ ଏବଂ ଖୋର୍ଦ୍ଧାର ଲୁଙ୍ଗି ଓ ଗାମୁଛା ସମେତ ପ୍ରସ୍ତର ଖୋଦେଇ, ପଟ୍ଟଚିତ୍ର ଓ ପିପିଲିର ଚାନ୍ଦୁଆ କାମ ପର୍ଯ୍ୟଟକମାନଙ୍କୁ ବେଶ ଆକର୍ଷିତ କରିଥାଏ । ସ୍ଥାନୀୟ ଗରମାଧମ ପ୍ରତିନିଧିଙ୍କ ଅନୁରୋଧରେ କୋଣାର୍କ ଉତ୍ସବର ଦୀର୍ଘ ୨୬ ବର୍ଷ ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୫ରେ କୋଣାର୍କ ଉତ୍ସବରେ ସାହିତ୍ୟକୁ ସାମିଲି କରାଯାଇଛି । କୋଣାର୍କ ସହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍ସବର ଗୋଟିଏ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଅନୁଷ୍ଠିତ ହୋଇଥାଏ ସାହିତ୍ୟ ଆଲୋଚନା ଓ କବିତା ପାଠଉତ୍ସବ । ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ କବି ଓ କବିୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥାନ୍ତି । ଉତ୍ସବର ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଓଡିଶା ସଂଗୀତ ନାଟକ ଏକାଡେମି, ପର୍ଯ୍ୟଟନ ଅଧିକାରୀଙ୍କ ସମେତ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଆନ୍ତରିକ ପ୍ରଚେଷ୍ଟା ପ୍ରସଂଶନୀୟ । ପଞ୍ଚଦିବସୀୟ ଏହି ଉତ୍ସବ ସମୟରେ ଶାନ୍ତି ଶୃଙ୍ଖଳା ରଖା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ ।


*ସାମ୍ବାଦିକ*
*କୋଣାର୍କ, ୭୯୭୮୦୧୧୫୩୮*













# କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା

**କୋଣାକ :** କୋଣାର୍କ ଉତ୍ସବ-୨୦୨୨ ଅବସରରେ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀ ନୃତ୍ୟ ସଙ୍ଗୀତର ମହାକୁମ୍ଭ ଓ ଚନ୍ଦ୍ରଭାଗାର ବେଳାଭୂମୀରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ହେଉଛି । ଏହି ଅବସରରେ ଡିସେମ୍ବର ୨ତାରିଖ ପ୍ରତ୍ୟୁଶରେ ପର୍ଯ୍ୟଟନ ବିଭାଗ ସହାୟତାରେ ଚଳିତ ବର୍ଷ ଷଷ୍ଠ ଥର ପାଇଁ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ କୋଣାର୍କ ଉତ୍ସବର ଶ୍ରୀ ବୃଦ୍ଧି କରିବା ଏବଂ ଉତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରିବାର ଲକ୍ଷନେଇ 'ପଲିଥିନ ମୁକ୍ତ କୋଣାର୍କ, ସ୍ୱଚ୍ଛ କୋଣାର୍କ ଓ ସୁସ୍ଥ କୋଣାର୍କ' ବାର୍ତ୍ତାକୁ ପ୍ରଚାର ପ୍ରସାର କରିବା ଉଦେଶ୍ୟରେ ଆଜି ସକାଳ ୮ଟାରରେ ଆୟୋଜିତ ହୋଇଯାଇଛି ବେଳାଭୂମି ପଦଯାତ୍ରା । ଏହି କାର୍ଯ୍ୟକ୍ରମରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ପରିବେଶବିତ ଦୀଲ୍ଲିପ ଶ୍ରୀଚନ୍ଦ୍ରନ, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, କୋଣାର୍କ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଆୟୁସ ଡାକ୍ତର ବିଦୁଭୂଷଣ ନାୟକ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହୀନୀପତି, ବନାଖଣ୍ଡି ସରପଞ୍ଚ ପ୍ରଜ୍ଞାପାରମିତା ନାୟକ, ଅଚ୍ୟୁତପୁର ସରପଞ୍ଚ ଶସ୍ମିତା ଦାଶ, ଜବାହାର ନବୋଦୟ ବିଦ୍ୟାଳୟର ଅଧକ୍ଷ ନୃସିଂହ ଚରଣ କର, ବିଜେଡି ନେତା ଗୋପାଳ ଚନ୍ଦ୍ର ବେହେରା, ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କ କିନ୍ନର ସମାଜର ସଭାପତି ଦୀପା କିନ୍ନର ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ସବୁଜ ପତାକା ଦେଖାଇ ବେଳାଭୂମି ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ବେଳାମୂମି ପଦଯାତ୍ରାରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ସମାଜସେବୀ ଓ କିନ୍ନରମାନେ କୋଣାର୍କ-ପୁରୀ ବେଳାମାର୍ଗ ସ୍ଥିତ ଚନ୍ଦ୍ରଭାଗାରୁ ବାହାରି ବିଭିନ୍ନ ଶ୍ଳୋଗାନମାନ ଦେବା ସହ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସଚେତନ କରାଇ ଇକୋ-ରିଟ୍ରିଟ ପୀଠରେ ପହଞ୍ଚି ଥିଲେ । ଏଠାରେ ଏକ ସଚେତନତା ସଭା ଆୟୋଜନ କରାଯାଇ ପଲିଥିନ ମୁକ୍ତ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଉପସ୍ଥିତ ଅତିଥିମାନେ ମତପୋଷଣ କରିଥିଲେ । ବେଳାଭୂମି ପଦଯାତ୍ରାରେ ସାମିଲି ହୋଇଥିବା ସମସ୍ତ ପଦଯାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା ।

# କମୁଛି ରାଜ୍ୟର ଋଣ ଭାର

**ଭୁବନେଶ୍ୱର :** ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୫,୫୮୯ କୋଟି ଟଙ୍କା ଋଣ କରାଯିବ। ସେହିପରି ୧୪ ହଜାର ଏକ କୋଟି ୩୧ ଲକ୍ଷ ଟଙ୍କା ଋଣ ପରିଶୋଧ କରିବା ପାଇଁ ବଜେଟ୍ରେ ବ୍ୟବସ୍ଥା କରାଯାଇସାରିଛି। ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣ ଭାର ୯୭ ହଜାର ୨ଶହ ୫ କୋଟି ୩ ଲକ୍ଷ ଟଙ୍କା ଥିଲା। ଏହି ସମୟରେ ମୁଣ୍ଡ ପିଛା ଋଣର ପରିମାଣ ୨୨,୦୪୨ ଟଙ୍କା ରହିଥିଲା। ଅପରପକ୍ଷରେ ଗତ ସେପଟ୍ମେ୍ବର ସୁଦ୍ଧା ଋଣ ପରିମାଣ ନେଇ ଅର୍ଥ ବିଭାଗ ପକ୍ଷରୁ ତଥ୍ୟ ରଖାଯାଇଛି। ଏହି ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଠାରୁ ୧୮୩୪୭.୮୨ କୋଟି ଟଙ୍କା, ଏନଏସଏସଏଫ ୬୨୪୨.୯୭ କୋଟି, ଖୋଲା ବଜାରରୁ ୨୫୫୫୮.୦୭ କୋଟି ଟଙ୍କା, ନାବାର୍ଡ ୧୬୪୩୧.୫୨ କୋଟି ଟଙ୍କା, ଜିଆଇସିରୁ ୨.୨୮ କୋଟି ଏବଂ ଏସସିଡିଏଫରୁ ୧୫୦ କୋଟି ଟଙ୍କା ଋଣ ଗ୍ରହଣ କରାଯାଇଛି। ଅନୁରୂପ ଭାବେ ଆରଇସି ଓ ଅନ୍ୟାନ୍ୟ ସୂତ୍ରରୁ ୨୭୧.୯୧ କୋଟି ଏବଂ ଜିପିଏଫରୁ ୨୩୪୪୭.୪୪ କୋଟି ଟଙ୍କା ଋଣ କରାଯାଇଛି। ଏହିପରି ଭାବେ ମୋଟ ଋଣର ପରିମାଣ ମୋଟ ୯୦,୪୫୧.୫୧ କୋଟି ଟଙ୍କା। ଉପରୋକ୍ତ ପରିସଂଖ୍ୟାନରୁ ଗତ ଆର୍ଥିକ ବର୍ଷ ଅପେକ୍ଷା ସାମ୍ପ୍ରତିକ ସ୍ଥିତିରେ ଋଣ ହ୍ରାସ ପାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଦ୍ୱାରା ଲିଖିତ ଭାବେ ଏ ନେଇ ବିଧାନସଭାରେ ଉତ୍ତର ରଖିଛନ୍ତି। ବରିଷ୍ଠ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ପଚରାଯାଇଥିବା ଏକ ତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ପୂଜାରୀ ଏହି ତଥ୍ୟ ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୯୪,୨୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଥିଲା। ଗତ ସେପଟ୍ମେ୍ବର ସୁଦ୍ଧା ୪୨,୬୩୧ କୋଟି ଟଙ୍କା ଆଦାୟ ହୋଇସାରିଛି। ଯାହା ଧାର୍ଯ୍ୟ ଲକ୍ଷ୍ୟର ୪୫.୩%। ନିଜସ୍ୱ ରାଜସ୍ୱ ସଂଗ୍ରହର ପରିମାଣ ଗତ ସେପ୍ଟେମ୍ବର ସୁଦ୍ଧା ୨୦,୯୧୮ କୋଟି ଟଙ୍କା। ଯାହା ନିଜସ୍ୱ ରାଜସ୍ୱ ସଂଗ୍ରହ ଲକ୍ଷ୍ୟର ୪୬%। ସେହିପରି ସମାନ ସମୟରେ ନିଜସ୍ୱ ଅଣ-ରାଜସ୍ୱ ସଂଗ୍ରହର ପରିମାଣ ୨୧,୭୧୩ କୋଟି ଟଙ୍କା ରହିଛି। ଯାହା ମୋଟ ଅଣ ରାଜସ୍ୱ ସଂଗ୍ରହର ୪୫% ବୋଲି ଜଣାପଡିଛି। ସେପ୍ଟେମ୍ବର ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ଅଂଶୀଦାର କର ବାବଦରେ ୧୭,୦୩୦ କୋଟି ଟଙ୍କା ସଂଗ୍ରହ କରାଯାଇଛି। ହେଲେ ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ଭାବେ ଯେତିକି ଅର୍ଥ ମିଳିବା କଥା , ତାହା ମିଳିପାରିନାହିଁ। ଧାର୍ଯ୍ୟ କରାଯାଇଥିବା ଅନୁଦାନରୁ ମାତ୍ର ୧୯% ରାଜ୍ୟ ତହବିଲକୁ ଆସିଛି। ରାଜ୍ୟର କର ଅଂଶ ଏବଂ କେନ୍ଦ୍ରୀୟ ଅନୁଦାନକୁ ମିଶାଇ ମୋଟ ୨୩,୧୩୧ କୋଟି ଟଙ୍କା ମିଳିଛି। ରାଜ୍ୟର ନିଜସ୍ୱ ରାଜସ୍ୱ ସଂଗ୍ରହ ଉତ୍ତମ ସ୍ଥିତିରେ ରହିଛି। ମାତ୍ର କେନ୍ଦ୍ରୀୟ ଅନୁଦାନ ଧାର୍ଯ୍ୟ ସମୟରେ ଉପଯୁକ୍ତ ପରିମାଣରେ ନ ମିଳିବା ଦ୍ୱାରା ରାଜ୍ୟ ଉପରେ ଅଯଥା ଆର୍ଥିକ ଚାପ ପଡିବାର ଆଶଙ୍କା ରହୁଛି। ନିଜସ୍ୱ ରାଜସ୍ୱ ସଂଗ୍ରହ ମଧ୍ୟରେ ରାଜ୍ୟ ଅବକାରୀରୁ ୬୪୯୬ କୋଟି ଟଙ୍କା, ୧୧୨୦୮ କୋଟି ଭାଟ୍, ୧୯୪୭୯ କୋଟି ରାଜ୍ୟ ବାବଦ ଦ୍ରବ୍ୟ ଓ ସେବା କର, ୩୭୮୯ କୋଟି ଟଙ୍କା ବିଜୁଳି ଦେୟ ଏବଂ ଅନ୍ୟାନ୍ୟ କର ବାବଦରୁ ୫୦୨୮ କୋଟି ସଂଗ୍ରହ କରାଯାଇଛି। ସେହିପରି ଅଣ ରାଜସ୍ୱ କ୍ଷେତ୍ରରେ ଖଣିଜ ରାଜସ୍ୱରୁ ୪୩,୪୪୪ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ରାଜସ୍ୱରୁ ୪୭୫୬ କୋଟି ଟଙ୍କା ସଂଗ୍ରହ କରାଯାଇଛି। ସେପ୍ଟେମ୍ବର ସୁଦ୍ଧା ମୋଟ କାର୍ଯ୍ୟକ୍ରମ ଓ ପ୍ରଶାସନିକ ବ୍ୟୟ ୫୨,୪୭୫ କୋଟି ଟଙ୍କା ରହିଛି। ଯାହା ଗତ ବର୍ଷ ତୁଳନାରେ ଢେର ଅଧିକ ବୋଲି ଜଣାପଡିଛି।

## ଏଏସ୍ଓ ପରୀକ୍ଷା ଅନିୟମିତତା ମାମଲା

# ଚୂଡ଼ାନ୍ତ ଫଳ ପ୍ରକାଶ ଉପରେ ରୋକ

**କଟକ :** ଏଏସ୍ଓ ପରୀକ୍ଷାକୁ ନେଇ ହାଇକୋର୍ଟ ବଡ଼ ରାୟ ଦେଇଛନ୍ତି। ଏଏସ୍ଓ ନିଯୁକ୍ତି ପରୀକ୍ଷାର ଚୂଡାନ୍ତ ଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ ଲଗାଇଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ। ତେବେ କମ୍ପ୍ୟୁଟର ପ୍ରୋଫିସିଏନସି ଟେଷ୍ଟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଲୋକସେବା ଆୟୋଗ ତରଫରୁ ଅନୁଷ୍ଠିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ନିଯୁକ୍ତି ପରୀକ୍ଷାର ଚୂଡାନ୍ତ ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ ଲଗାଇଛନ୍ତି। ନିଯୁକ୍ତି ପରୀକ୍ଷାରେ ବ୍ୟାପକ ନିୟମ ଉଲ୍ଲଙ୍ଘନ ଅଭିଯୋଗ ନେଇ ଦାୟର ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିବା ସହିତ ଜବାବ ତଲବ କରିଛନ୍ତି। ଅଦାଲତଙ୍କ ବିନା



ଅନୁମତିରେ ଚଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ପାରିବନି ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ତେବେ କମ୍ପ୍ୟୁଟର ଟେଷ୍ଟ ଜାରି ରହିବ ବୋଲି ହାଇକୋର୍ଟ କହିଛନ୍ତି। ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏ ନେଇ ହାଇକୋର୍ଟରେ ପାଞ୍ଚ ଜଣ ପ୍ରାର୍ଥୀ ମାମଲା ଦାୟର କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଓପିଏସସି ପକ୍ଷରୁ ଏଏସଓ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଏସଓ ପରୀକ୍ଷାରେ ବ୍ୟାପକ ନିୟମ ଉଲ୍ଲଂଘନ କରାଯାଇଛି। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ବେଆଇନ ବୋଲି ଦାୟର ଆବେଦନରେ ଦର୍ଶାଯାଇଛି। ପୂର୍ବରୁ ମଧ୍ୟ ଏଏସଓ ପରୀକ୍ଷା ବିବାଦ ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଓପିଏସସି ଏଏସଓ ନିଯୁକ୍ତି ପରୀକ୍ଷାଫଳ ପ୍ରକାଶ କରିଥିଲା। ଏଏସଓ ପରୀକ୍ଷାରେ ବ୍ୟାପକ ନିୟମ ଉଲ୍ଲଂଘନ କରାଯାଇଛି। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ବେଆଇନ ବୋଲି ଦାୟର ଆବେଦନରେ ଦର୍ଶାଯାଇଛି। ପୂର୍ବରୁ ମଧ୍ୟ ଏଏସଓ ପରୀକ୍ଷା ବିବାଦ ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ଓପିଏସସି ଏଏସଓ ନିଯୁକ୍ତି ପରୀକ୍ଷାଫଳ ପ୍ରକାଶ କରିଥିଲା।

# ଗାଁ କଲ୍ୟାଣ ସମିତିରୁ ଗ୍ରାମ ସ୍ତରୀୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟି ଗଠିତ



**ନବରଙ୍ଗପୁର :** ଗ୍ରାମ ସ୍ତରୀୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟି ଏବଂ ଆଇନଗତ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ଉପରେ ଜିଲ୍ଲା ସ୍ତରୀୟ ବୈଠକ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଗାଁ କଲ୍ୟାଣ ସମିତି ବର୍ତ୍ତମାନ ଗ୍ରାମ ସ୍ତରୀୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟି ଭାବରେ ଘୋଷିତ ହେବ ବୋଲି ଆନୁଷ୍ଠାନିକ ଭାବରେ ଜିଲ୍ଲା ଶିଶୁସୁରକ୍ଷା ୟୁନିଟ ପକ୍ଷରୁ ସୂଚନା ଦିଆ ଯାଇଥିଲା। ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ କମଳ ଲୋଚନ ମିଶ୍ର ବୈଠକ ଟିକୁ ଶୁଭାରମ୍ଭ କରିଥିଲେ। ସେ ଗାଁ କଲ୍ୟାଣ ସମିତି ଏବଂ ଗ୍ରାମ ସ୍ତରୀୟ ଶିଶୁ ମଙ୍ଗଳ ଏବଂ ସୁରକ୍ଷା କମିଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ କିପରି ଜିକେଏସ୍‌ର ନିୟମିତ ମାସିକ ବୈଠକ ଡାକିବା ଏବଂ ବୈଠକରେ ଅଧ୍ୟକ୍ଷତା କରିବା ଆବଶ୍ୟକତା ଅଛି। ସେମାନଙ୍କର ଦାୟିତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି କମିଟି କୁ କିପରି ସୁଦୃଢ ଏବଂ କାର୍ଯ୍ୟକାରୀ କରାଯିବ ସେଥିଲାଗି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଅଙ୍ଗନ ବାଡ଼ି କର୍ମକର୍ତ୍ତା , ଏ .ଏନ.ଏମ., ଗ୍ରାମ ସ୍ତରୀୟ ସଦସ୍ୟ ମାନଙ୍କୁ ଜିଲ୍ଲାପାଳ ତାଗିଦ କରିବା ସହ ଦାୟିତ୍ୱ ମଧ୍ୟ ଦେଇଥିଲେ। ଏହା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ସୁରେଶ ପଟନାଏକ ସଚେତନତା ଅଭାବରୁ ପୋଷ୍ୟ ସନ୍ତାନ ପ୍ରକ୍ରିୟା ଦିନକୁ ଦିନ ବେଆଇନ ହେବାକୁ ଯାଉଛି ଏବଂ ଏହା କିପରି ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ଜଣେ ପୋଷ୍ୟସନ୍ତାନ ଗ୍ରହଣ କରିପାରିବ, ଶିଶୁଙ୍କ ସୁରକ୍ଷା ଓ ଅଧିକାର କିପରି ବଜାୟ ରହିବ ସେ ଦିଗରେ ବୁଝାଇଥିଲେ ଓ ଏହା ସହ ସେ ଗ୍ରାମ ସ୍ତରୀୟ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟିର ଆବଶ୍ୟକତା ବିଷୟରେ ମଧ୍ୟ ଆଲୋଚନା କରିଥିଲେ।

# ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାକୁ ଦାବି

**ଭୁବନେଶ୍ୱର :** ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ପାଇଁ ସରକାର ତ୍ୱରିତ ପଦକ୍ଷେପ ନେଉନାହାନ୍ତି। ପଡ଼ା ଗ୍ରାମରେ ଲୋକ ଭୋଗୁଥିବା ସମସ୍ୟା ରାଜସ୍ୱ ବିଭାଗ ବୁଝିପାରୁ ନାହିଁ। ରାଜସ୍ୱ ଗ୍ରାମ ନହେଲେ ସେଠାରେ ମୋବାଇଲ୍ ଟାୱାର୍ ନିର୍ମାଣ ହୋଇପାରୁନି। ସେଠାରେ ରାସ୍ତାଘାଟ ହୋଇପାରୁନି। ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇପାରୁନି କି ପାଣି ପାଇପ୍ ଲାଇନ୍ ଯାଇପାରୁନି। ବିଧାନସଭାରେ ଏମିତି ଉଦ୍‌ବେଗ ପ୍ରକାଶ କରିଥିଲେ ବିଧାୟକମାନେ। ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ଏହି ପ୍ରସଙ୍ଗରେ ଚିନ୍ତାପ୍ରକଟ କରିଥିଲେ। ନିଜ ନିଜ



ନିର୍ବାଚନମଣ୍ଡଳୀର ଉଦାହରଣ ଦେଇ ସମସ୍ୟା ବଖାଣିଥିଲେ। ତାରାପ୍ରସାଦ ବାହିନୀପତି ଓ ପ୍ରଫୁଲ୍ଲ ସାମଲଙ୍କ ମୂଳ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟରେ ବର୍ତ୍ତମାନ ୫୧,୨୭୨ ରାଜସ୍ୱ ଗ୍ରାମ ଓ ୫୦୧୫ଟି ପଡ଼ା ଗ୍ରାମ ଅଛି। ତାହା ମଧ୍ୟରୁ ୬୬୫ଟି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି। ୯୯୮ଟି ପଡ଼ା ଗ୍ରାମକୁ ଉପଯୁକ୍ତ କାଗଜାତ ନଥିବାରୁ ରଦ୍ଦ କରାଯାଇଛି। ଅବଶିଷ୍ଟ ୩୩୫୨ଟି ପଡ଼ା ଗ୍ରାମ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ବାକି ଅଛି। ଏହି ସଂକ୍ରାନ୍ତୀୟ ପ୍ରସ୍ତାବ ଜିଲ୍ଲାପାଳଙ୍କ ଠାରୁ ପ୍ରାପ୍ତ ହେଲେ ଭୂ-ଅଭିଲେଖ ପରିମାପକ, ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡକୁ ଦୃଷ୍ଟିରେ ରଖି ବିଧିବ୍ୟବସ୍ଥା ଅନୁଯାୟୀ ପଡ଼ା ଗ୍ରାମକୁ ନୂଆ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପଡ଼ା ଗ୍ରାମରେ ବସବାସ କରୁଥିବା ଲୋକମାନେ ବହୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ପ୍ରକାଶ ମାଝୀ, ସୁକାନ୍ତ କୁମାର ନାୟକ, ସନ୍ତୋଷ ସିଂହ ସାଲୁଜା, ଅନନ୍ତ ଦାସ, ରଘୁନାଥ ଗମାଙ୍ଗୋ, ଭାସ୍କର ମଢ଼େଇ, ଶଶୀଭୂଷଣ ବେହେରା, ମକରନ୍ଦ ମୁଦୁଲି, ଅରବିନ୍ଦ ଢାଲି, ଭାଗିରଥୀ ସେଠୀ, ଅମର ଶତପଥୀ ଓ ଭୂପିନ୍ଦର ସିଂହ ପ୍ରମୁଖ ଅତିରିକ୍ତ ପ୍ରଶ୍ନ କରିଥିଲେ। ରାଜସ୍ୱ ବିଭାଗ ଜିଲ୍ଲାପାଳଙ୍କ ଠାରୁ ପ୍ରସ୍ତାବ ମଗାଇ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବିଧାୟକମାନେ ଦାବି କରିଥିଲେ। ଖୁବ୍ ଶୀଘ୍ର ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# ୨୩ ସ୍ପେସାଲିଷ୍ଟ୍ ବିଭାଗରେ ୨୪୯ ଜଣ ସହକାରୀ ପ୍ରଫେସର ନିଯୁକ୍ତ


**ଭୁବନେଶ୍ୱର :** ରାଜ୍ୟବାସୀଙ୍କୁ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଚଳିତ ବର୍ଷ ୨୩ ଟି ସ୍ପେସାଲିଷ୍ଟ୍ ବିଭାଗରେ ୨୪୯ ଜଣ ସହକାରୀ ପ୍ରଫେସରଙ୍କୁ ନିଯୁକ୍ତି ଦେଇଛନ୍ତି। ଏମାନଙ୍କୁ ବିଭିନ୍ନ ସରକାରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ନିୟୋଜନ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ଅଧିକ ୨୭୪ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନିଆଯାଉଛି। ଇତି ମଧ୍ୟରେ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଓଡ଼ିଆ ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଛି। ଏହି ୨୭୪ ଜଣ ସ୍ପେସାଲିଷ୍ଟ୍ ମୁଖ୍ୟତଃ ନିଶ୍ଚେତକ, ଆନାଟୋମି, ବାଇଓ-କେମେଷ୍ଟ୍ରି, ଇ.ଏନ୍.ଟି., ଏଫ୍.ଏମ୍.ଆଣ୍ଡ ଟି., ମେଡିସିନ୍, ମାଇକ୍ରୋ-ବାଇଓଲୋଜି, ସ୍ତ୍ରୀ ଓ ପ୍ରସୁତି, ଚକ୍ଷୁ, ଅସ୍ଥି ଶଲ୍ୟ ସର୍ଜରୀ, ଶିଶୁ ଚିକିତ୍ସା, ପାଥୋଲୋଜି, ଫାର୍ମାକୋଲୋଜି, ଫିଜିଓଲୋଜି, ମାନସିକ ବିକାରଗ୍ରସ୍ତ, ରେଡିଓ-ଡାଇଗ୍ନୋସିସ୍, କମ୍ୟୁନିଟି ମେଡିସିନ୍, ଚର୍ମ ଓ ଭି.ଡି., ସର୍ଜରୀ, ଯକ୍ଷ୍ମା, ଜରୁରୀକାଳୀନ ମେଡିସିନ୍, ଫିଜିକାଲ ମେଡିସିନ୍ ଏବଂ ପୁନଃସ୍ଥାପନ ଆଦି ବିଭାଗରେ ନିୟୋଜିତ ହେବେ।






# କଟକ-ଚୌଦ୍ୱାରରେ ରାଜ୍ୟ ସରକାର କରିବେ ଟେକ୍ସଟାଇଲ୍ ପାର୍କ

**ଭୁବନେଶ୍ୱର :** ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଘୋଷଣା ହୋଇଛି ରାଜ୍ୟର ନୂଆ ବୟନ ଶିଳ୍ପ ନୀତି। କଟକ ଚୌଦ୍ୱାରରେ ଟେକ୍ସଟାଇଲ୍ ପାର୍କ କରିବେ ରାଜ୍ୟ ସରକାର। ଏହି ସୂଚନା ଦେଇଛନ୍ତି ଶିଳ୍ପ ସଚିବ। ଏଠାରେ ପ୍ରାୟ ୮୦ଟି ସଂସ୍ଥା ନିଜର ୟୁନିଟ ପ୍ରତିଷ୍ଠା କରିପାରିବେ ବୋଲି ସେ କହିଛନ୍ତି। ନୂଆ ବୟନ ନୀତି ଅନୁସାରେ ପୁଞ୍ଜି ନିବେଶକାରୀଙ୍କୁ ୪୦ ପ୍ରତିଶତ ବା ସର୍ବାଧିକ ୫୦ କୋଟି ଯାଏ ସବ୍‌ସିଡି ଦିଆଯିବ। ଦେଶରେ ଏହା ସର୍ବାଧିକ ବୋଲି



ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ତୃତୀୟ ଦିନର ଫୋକସ୍ରେ ଥିଲା ଟେକ୍ସଟାଇଲ୍, ପେଟ୍ରୋକେମିକାଲ୍ସ, ପ୍ଲାଷ୍ଟିକ ଓ ଫୁଡ୍ ପ୍ରୋସେସିଂ। ଇଣ୍ଡୋ ରାମା କମ୍ପାନୀ ଓଡ଼ିଶାରେ ସ୍ପିନିଂ ମିଲ୍ ବସାଇ ପ୍ରାୟ ୭ ଶହ କୋଟି ଟଙ୍କା ନିବେଶ କରିବ ବୋଲି କହିଛି। ସେହିପରି ଜକି ବ୍ରାଣ୍ଡର ପେଜ୍ ଇଣ୍ଡିଆ ରାମଦାସପୁରରେ ପ୍ରକଳ୍ପ ସଂପ୍ରସାରଣ ପାଇଁ ନିବେଶ କରିବ ୪ ଶହ କୋଟି ଟଙ୍କା। ସେଠାରେ ଜକି ୫୧୦ କୋଟିର ପ୍ରକଳ୍ପ କରୁଛି। ଯାହାକି ଆସନ୍ତା ଏପ୍ରିଲରୁ କାର୍ଯ୍ୟକ୍ଷମ ହେବ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ମଧ୍ୟ ପୁଞ୍ଜି ନିବେଶ ପାଇଁ ବହୁ ସଂସ୍ଥା ଆଗ୍ରହ ଦେଖାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।






## ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଓଏସଏସଏସସିକୁ ଚିଠି

# ୨ ହଜାର ୨୫୯ ଅଣଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର:** ସରକାରୀ ସ୍କୁଲରେ ପିଲାଙ୍କୁ ମିଳିବ ଗୁଣାତ୍ମକ ଶିକ୍ଷା। ଶିକ୍ଷକମାନେ କେବଳ ଶିକ୍ଷାଦାନ ପ୍ରକ୍ରିୟାରେ ହିଁ ନିୟୋଜିତ ହେବେ। '୫-ଟି' ରୂପାନ୍ତରଣରେ ରାଜ୍ୟ ସରକାର ସ୍କୁଲଗୁଡ଼ିକର ନବଜାଗରଣ ପରେ ଶିକ୍ଷାଦାନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମିକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଖାଲିଥିବା ଶିକ୍ଷକ ପଦ ନିଯୁକ୍ତି ଲାଗି ସରକାରୀ ସ୍ତରରେ ଗୁରୁତ୍ୱ ଦିଆଯାଉଥିବାବେଳେ ଅଣଶିକ୍ଷକ କର୍ମଚାରୀ ମଧ୍ୟ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨ହଜାର ୨୫୯ ଅଣଶିକ୍ଷକ କର୍ମଚାରୀ ଚୟନ ପାଇଁ ଓଏସଏସଏସସି (ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ)କୁ ମାଧ୍ୟମିକ ଶିକ୍ଷା ପରିଷଦ ଚିଠି ଲେଖିଛି। ତେବେ ୨ହଜାର ୨୫୯ ପଦ ମଧ୍ୟରୁ ୨୨୬ଟି ପଦୋନ୍ନତି ଦ୍ୱାରା ପୂଣ ହେବାକୁ ଥିବାବେଳେ ୨ ହଜାର ୩୩ଟି ପଦ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ମିଳିଥିବା ସୂଚନା ମୁତାବକ, ରାଜ୍ୟର ବିଭିନ୍ନ ବିଇଓ ଏବଂ ଡିଇଓ କାର୍ଯ୍ୟାଳୟ ଓ ହାଇ ସ୍କୁଲରେ ୪ ହଜାର ୭୪୦ ଅନୁମୋଦିତ କନିଷ୍ଠ ଆସିଷ୍ଟାଣ୍ଟ ପଦରୁ ୨୨୫୯ଟି ଖାଲି ପଡ଼ିଛି। ୧୦ ପ୍ରତିଶତ ପଦ ପଦୋନ୍ନତି ଜରିଆରେ ପୂରଣ ହେବାକୁ ଥିବାବେଳେ ଅବଶିଷ୍ଟ ଚୟନ ପ୍ରକ୍ରିୟା ଦ୍ୱାରା ପୂରଣ ହେବ। ଗଞ୍ଜାମରେ ସର୍ବାଧିକ ୨୦୭ଟି ପଦ ପୂରଣ ହେବାକୁ ଥିବାବେଳେ ମୟୂରଭଞ୍ଜରେ ୧୨୧, କେନ୍ଦୁଝରରେ ୧୦୩, କଟକରେ ଶହେ, ବରଗଡ଼ ଓ କଳାହାଣ୍ଡିରେ ୧୦୯ଟି ଲେଖାଏଁ ଆଦି ବିଭିନ୍ନ ଜିଲ୍ଲାକୁ ମିଶାଇ ମୋଟ୍ ୨୦୩୩ଟି ପଦ ପୂରଣ ହେବ। ତେବେ ଓଏସଏସଏସସି ପକ୍ଷରୁ ଚୟନ ସମ୍ପର୍କରେ ସବିଶେଷ ବିଜ୍ଞପ୍ତି ଖୁବଶିଘ୍ର ପ୍ରକାଶ ପାଇବ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**